# ଅହ୍ମଦି

# ଓ

# ଅଣଅହ୍ମଦୀଙ୍କ ମଧ୍ୟରେ

# ପାର୍ଥକ୍ୟ କ'ଣ ?

**Difference between Ahmadi and Non Ahmadi**


ଲେଖକ:

ହଜରତ ମିର୍ଜା ଗୁଲାମ ଅହମଦ[ଅ.ସ]

ପ୍ରତିଶ୍ରୁତ ମସିହ ଓ ମେହଦୀ

# ଅହ୍ମଦି ଓ ଅଣଅହ୍ମଦୀଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

## (ଅହ୍ମଦି ଓ ଗୈର୍ ଅହ୍ମଦି ମେଁ କ୍ୟା ଫରକ୍ ହୈ ?)


ଲେଖକ:

**ହଜରତ ମିର୍ଜା ଗୁଲାମ ଅହମଦ** ଅ.ସ

ପ୍ରତିଶ୍ରୁତ ମସିହ ଓ ମେହଦୀ

ଅହମଦି ଓ ଅଣଅହମଦୀଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

ମୂଳ ଉର୍ଦ୍ଦୁ : ଅହମଦି ଓ ଗୈର୍ ଅହମଦି ମେଁ କ୍ୟା ଫରକ୍ ହୈ ?

ସଙ୍କଳନ : ମର୍କଜୀ ଇସାଲହୀ କମିଟି, ଭାରତ

ଓଡ଼ିଆ ରୂପାନ୍ତର: ମୌ. ଅନୱ୍ୱର ଅହେମଦ ଖାନ୍

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରଦାସ୍‌ପୁର, ପଞ୍ଜାବ (ଭାରତ)- ୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୫, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା: ୫୦୦)

# AHMADI AUR ANAAHMADI MADHYARE PARTHAKYA KAN?

*Author of the Book* : **Hazrat Mirza Ghulam Ahmad**[as]
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Anwar Ahmad Khan**, Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2025, First Edition in Odia (500 copies)
*Printed at* : Fazle Umar Printing Press, Qadian (India)

*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*

**ISBN:**



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ପ୍ରତିଶ୍ରୁତ ମସିହ ଓ ମେହଦୀ

# ନୋଟ୍

ଏହି ଅଭିଭାଷଣ ଜମାଅତୀୟ ପତ୍ରିକା 'ଅଲ୍‌ହକମ୍'ର ୧୭ ଫେବୃଆରୀ ୧୯୦୬ମସିହାରୁ ୧୭ଜୁନ୍ ୧୯୦୬ମସିହା ମଧ୍ୟବର୍ତ୍ତୀ ସଂସ୍କରଣରେ ପ୍ରକାଶିତ ହୋଇଥିଲା ଓ ୨୬ଜାନୁଆରୀ ୧୯୦୬ମସିହାର ବଦର୍ ପତ୍ରିକାର କେତେକ ସ୍ଥାନରେ ସ୍ଥାନିତ ହୋଇଥିଲା । (ପ୍ରକାଶକ)

*** *** *** ***

# ପୁସ୍ତକ ପରିଚୟ

ଅହମଦି ଓ ଅଣଅହମଦିମାନଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

ଏହା ମହାମାନ୍ୟ ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ପ୍ରତିଶ୍ରୁତ ମସିହ ଓ ମେହଦୀ ଅ.ସଙ୍କର ପ୍ରଦତ୍ତ ଏକ ଭାଷଣ । ଏହାକୁ ପୁଣ୍ୟଶ୍ଳୋକଅ.ସ ୧୯୦୫ମସିହା ଡ଼ିସେମ୍ବର ମାସ ୨୭ତାରିଖ ଦିନ ଜୋହର୍ (ମଧ୍ୟାହ୍ନ) ଓ ଅସର୍ (ଅପରାହ୍ନ) ନମାଜ ପାଠ କରିବା ପରେ ମସଜିଦ୍ ଅକ୍ସାରେ ଉପସ୍ଥାପନ କରିଥିଲେ । ୧୯୦୫ମସିହା ଡ଼ିସେମ୍ବର ମାସ ୨୬ତାରିଖ ଦିନ ପ୍ରାତଃ କାଳରେ ନୂତନ ଅତିଥିଶାଳାର ହଲ୍‌ରେ ବନ୍ଧୁମାନଙ୍କର ଏକ ବୈଠକ ମଦ୍ରସା ତାଲିମୁଲ୍ ଇସଲାମ୍‌ର ଉନ୍ନତି ଓ ବିକାଶ ପ୍ରସଙ୍ଗରେ ବିଚାର କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା । ଏଥିରେ ଅନେକ ମିତ୍ରଗଣ ଭିନ୍ନ ଭିନ୍ନ ଦିଗରେ ନିଜ ମତାମତ ଉପସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁ ନିଜ ବିଚାର ରଖିଲେ ଯେ, ମୋ ଜ୍ଞାତସାର ଅନୁଯାୟୀ ହଜରତ ମସିହ ମଉଦ ଅ.ସଙ୍କ ଜମାଅତ ଓ ଅନ୍ୟ ମୁସଲମାନମାନଙ୍କ ମଧ୍ୟରେ କେବଳ ଏତିକି ପ୍ରଭେଦ ରହିଛି ଯେ, ସେମାନେ ଇସା ମସିହ୍‌ଙ୍କର ସଶରୀରେ (ଜୀବିତ) ଆକାଶ ମାର୍ଗକୁ ଚାଲିଯିବା ବିଷୟକୁ ବିଶ୍ୱାସ କରୁଛନ୍ତି । କିନ୍ତୁ ଆମେମାନେ ବିଶ୍ୱାସ ରଖୁଛୁ ଯେ ତାଙ୍କର ଦେହାନ୍ତ ହୋଇସାରିଛି । ଏହା ବ୍ୟତୀତ ଉଭଙ୍କର ପରସ୍ପର ମଧ୍ୟରେ ଅନ୍ୟ କୌଣସି ବିଷୟରେ ମତଭେଦ ନାହିଁ । ଏହି ମତଭେଦ ବଳବତ୍ତର ରହିବା ସ୍ଥଳେ ଜଣେ ବ୍ୟକ୍ତି ଅବତାରତ୍ୱ ଲାଭ କରିବା ସନ୍ଦେହାସ୍ପଦ ଓ ଭିତ୍ତିହୀନ ମନେ ହେଉଛି । ସୁତରାଂ ଏହାର ସଂଶୋଧନ କରିବା ମହାଭାଗଙ୍କ ପକ୍ଷେ ଆବଶ୍ୟକ ଥିଲା । ଯେହେତୁ ସେହି ସଭାରେ ପର୍ଯ୍ୟାପ୍ତ ସମୟ ନଥିଲା, ତେଣୁ ତା'ପର ଦିନ ଅର୍ଥାତ୍ ୨୭ତାରିଖ ଦିନ ଜୋହର୍ ଓ ଅସର୍ ନମାଜ ପାଠ କରିବା ପରେ ସେ ଏହା ଉଚିତ୍ ମଣିଲେ ଯେ, ନିଜ ଅବତାରତ୍ୱ ପ୍ରାପ୍ତ କରିବା ପ୍ରସଙ୍ଗରେ କିଛି ତଥ୍ୟ ଉପସ୍ଥାପନ କରିଦେବେ । କିନ୍ତୁ ସେଦିନ ମହାଭାଗ ଅସୁସ୍ଥ ଥିବା ଯୋଗୁଁ କେବଳ ଅହମଦି ଓ ଅଣଅହମଦିମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ବର୍ଣ୍ଣନା କରିଥିଲେ ।

## ପ୍ରକାଶକଙ୍କ ମନ୍ତବ୍ୟ

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ପ୍ରତିଶ୍ରୁତ ମସିହ ଓ ମେହ୍‌ଦୀ [ଅ.ସ]ଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଅହମଦି ଓ ଗୈର୍ ଅହମଦି ମେଁ କ୍ୟା ଫରକ୍ ହେ ?'ର ଏହା ଓଡ଼ିଆ ଅନୁବାଦ ଯାହାକି ମୌଲବୀ ଅନଓ୍ୱର ଅହେମଦ ଖାନ୍ ସାହେବ ସମ୍ପାଦନ କରିଛନ୍ତି ଏବଂ ତାହାକୁ ମାନନୀୟ ରୋଶନ୍ ଖାନ୍ ସାହେବ (ସଦର୍ ରିଭିଉ୍ କମିଟି) ଓ ଶ୍ରୀମତୀ ଆଲିୟା ମହେମୁଦ୍ ସାହେବା ଏମ୍.ଏ ପ୍ରତ୍ୟେକ ତିନିଜଣ ସଦସ୍ୟ ସମୀକ୍ଷା କରିଛନ୍ତି । ଅଲ୍ଲାଃତାଲା ସେ ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ ।

ଏହି ପୁସ୍ତକଟିକୁ ଜମାଅତ ଅହେମଦିୟାର ପଞ୍ଚମ ଖଲିଫା ମହାମହିମ ହୁଜୁର ଅନଓ୍ୱର [ଅ.ବ]ଙ୍କ ଅନୁମତିକ୍ରମେ ଓଡ଼ିଆ ଭାଷାରେ ପ୍ରକାଶିତ କରାଯାଉଅଛି ।

ବିନୀତ

ହାଫିଜ୍ ମଖଦୁମ୍ ଶରିଫ୍

ନାଜିର ନଶ୍ରୋ ଓ ଇଶାଅତ୍ , କାଦିୟାନ୍

(ଅଧ୍ୟକ୍ଷ ପ୍ରସାରଣ ଓ ପ୍ରକାଶନ ବିଭାଗ)

ସଦର ଅଞ୍ଜୁମନ୍ ଅହେମଦିୟା, କାଦିୟାନ୍

بِسۡمِ اللّٰہِ الرَّحۡمٰنِ الرَّحِیۡمِ
نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ

# ମସିହ ମଉଦଙ୍କ ଆଗମନ ଏବଂ ଜମାଅତକୁ ଗଠନ କରିବାର ଉଦ୍ଦେଶ୍ୟ

ମହାମାନ୍ୟ ଐଶୀ ପୁରୁଷ ହଜରତ ମସିହ ମଉଦଙ୍କ ଏକ ଭାଷଣ ଯାହାକୁ ସେ ୧୯୦୫ମସିହା ଡ଼ିସେମ୍ବର ମାସ ୨୭ତାରିଖ ଦିନ ଜୋହର୍ ଓ ଅସର୍ ନମାଜ ପାଠ କରିବା ପରେ ମସଜିଦ୍ ଅକ୍ସାରେ ଉପସ୍ଥାପନ କରିଥିଲେ ।

୧୯୦୫ମସିହା ଡ଼ିସେମ୍ବର ମାସ ୨୬ତାରିଖ ଦିନ ପ୍ରାତଃ କାଳରେ ନୂତନ ଅତିଥିଶାଳାର ହଲ୍‌ରେ ବନ୍ଧୁମାନଙ୍କ ଦ୍ୱାରା ଏକ ସଭା ମଦ୍ରସା ତାଲିମୁଲ୍ ଇସଲାମ୍‌ର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପ୍ରସଙ୍ଗରେ ବିଚାର ବିମର୍ଶ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା । ଏଥିରେ ଅନେକ ମିତ୍ରଗଣ ଭିନ୍ନ ଭିନ୍ନ ଦିଗକୁ ନେଇ ନିଜ ମତାମତ ଉପସ୍ଥାପନ କଲେ.. । ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁ ନିଜ ବିଚାର ରଖିଲେ ଯେ "ମୋ ଧାରଣାନୁଯାୟୀ ହଜରତ ମସିହ ମଉଦ [ଅ.ସ]ଙ୍କ ଜମାଅତ ଓ ଅନ୍ୟ ମୁସଲମାନମାନଙ୍କ ମଧ୍ୟରେ କେବଳ ଏତିକି ପ୍ରଭେଦ ରହିଛି ଯେ, ସେମାନେ ଇସା ମସିହଙ୍କର ଜୀବିତ ସଶରୀରେ ଆକାଶ ମାର୍ଗକୁ ଚାଲିଯିବା ବିଶ୍ୱାସ କରୁଛନ୍ତି । କିନ୍ତୁ ଆମେମାନେ ବିଶ୍ୱାସ କରୁଛେ ଯେ, ତାଙ୍କର ଦେହାନ୍ତ ହୋଇଯାଇଛି । ଏହା ବ୍ୟତୀତ ଆମର ପରସ୍ପର ମଧ୍ୟରେ ଅନ୍ୟ କୌଣସି ବିଷୟରେ ମତଭେଦ ନାହିଁ ।" ଏଥିରୁ ଯେହେତୁ ଜମାଅତ ଗଠନ କରିବାର ଉଦ୍ଦେଶ୍ୟ ପୂର୍ଣ୍ଣ ରୂପେ ସ୍ପଷ୍ଟ ହେଉ ନଥିଲା, ବରଂ ସନ୍ଦେହର ଦ୍ୱାର ଉନ୍ମୁକ୍ତ ହେଉଥିଲା । ଅତଏବ ସେହି ସନ୍ଦେହକୁ

ଦୂର କରିବା ଓ ସେହି ସମସ୍ୟାକୁ ସଂଶୋଧନ କରିବା ମହୋଦୟଙ୍କ ପକ୍ଷେ ଜରୁରୀ ଥିଲା । ଯେହେତୁ ସେହି ସଭାରେ ପର୍ଯ୍ୟାପ୍ତ ସମୟ ନଥିଲା ତେଣୁ ତା'ପରଦିନ ଅର୍ଥାତ୍ ୨୭ତାରିଖ ଦିନ ଜୋହର୍ ଓ ଅସର୍ ନମାଜ ପାଠ କରିବା ପରେ ମହୋଦୟ ଏହା ଉଚିତ୍ ମଣିଲେ ଯେ, ନିଜ ଆଗମନର ଉଦ୍ଦେଶ୍ୟ ପ୍ରସଙ୍ଗରେ ଅବଗତ କରାଇଦେବେ । ସେଦିନ ମହୋଦୟ ଅସୁସ୍ଥ ଥିବା ସତ୍ତ୍ୱେ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଦୟା ଓ କରୁଣା ବଶତଃ ନିମ୍ନ ଭାଷଣ ଉପସ୍ଥାପନ କଲେ । (ଏଡ଼ିଟର)

ହଜରତ ମସିହ ମଉଦ[ଅ.ସ] କହିଲେ; ଦୁଃଖର ବିଷୟ ଯେ ବର୍ତ୍ତମାନ ମୁଁ ରୋଗରେ ପୀଡ଼ିତ । ତେଣୁ ମୁଁ ଅଧିକ କିଛି କହିପାରିବି ନାହିଁ । କିଛି ଏକ ଜରୁରୀ ପ୍ରସଙ୍ଗ ହେତୁ ଅଳ୍ପ କିଛି କହିବା ଆବଶ୍ୟକ ମନେକରୁଛି । କାଲି ମୋତେ ସୂଚନା ମିଳିଲା ଯେ, ଜଣେ ବନ୍ଧୁ କୁଆଡ଼େ କହିଥିଲେ; ଯେ ଆମମାନଙ୍କର ଓ ଆମ ବିରୋଧୀ ମୁସଲମାନ ଭାଇମାନଙ୍କ ମଧ୍ୟରେ କେବଳ ଇସା ମସିହଙ୍କ ମୃତ୍ୟୁ ଓ ଜୀବିତ ରହିବା ବିଷୟରେ ପାର୍ଥକ୍ୟ ରହିଛି ନଚେତ୍ ଆମେ ହେଉଛୁ ଏକ । ବ୍ୟାବହାରିକ କ୍ଷେତ୍ରରେ ଆମ ବିରୋଧୀମାନେ ସତ୍‌ପଥରେ ପ୍ରତିଷ୍ଠିତ ଅଛନ୍ତି । ଅର୍ଥାତ୍ ନମାଜ, ରୋଜା ଓ ଅନ୍ୟାନ୍ୟ ସମସ୍ତ ଇସଲାମୀୟ ଧର୍ମକର୍ମ ସେମାନେ ସଠିକ୍ ରୂପେ ସମ୍ପାଦନ କରୁଛନ୍ତି । କେବଳ ଇସା ମସିହଙ୍କ ମୃତ୍ୟୁବରଣ କରିବାକୁ ନେଇ ଯାହା ଭ୍ରମରେ ପଡ଼ିଯାଇଛନ୍ତି । ଏହାର ଦୂରୀକରଣ ନିମନ୍ତେ ପରମେଶ୍ୱର ଏହି ଜମାଅତକୁ ସ୍ଥାପନ କରିଛନ୍ତି । ତେବେ ସ୍ମରଣ ରଖିବା ଉଚିତ୍ ଯେ, ଏକଥା ସଠିକ୍ ନୁହେଁ । ଏହି କଥା ସତ ଯେ, ମୁସଲମାନମାନଙ୍କୁ ଏହି ଭ୍ରାନ୍ତ ଧାରଣା ଭୀଷଣ ରୂପେ ଗ୍ରାସ କରିଛି । କିନ୍ତୁ ଯଦି କେହି ମନେ କରେ ଯେ, **ମୋର ଏହି ନଶ୍ୱର ସଂସାରକୁ ଆଗମନ କରିବା** କେବଳ ଏହି ସାମାନ୍ୟ ଭ୍ରମ ଧାରଣର ସଂଶୋଧନ କରିବା ସକାଶେ ହୋଇଛି ଓ ମୁସଲମାନମାନଙ୍କ ଠାରେ ଅନ୍ୟ କୌଣସି ତ୍ରୁଟି ନାହିଁ ଯାହାର ସୁଧାର ଆବଶ୍ୟକ, ବରଂ ସେମାନେ ତ ସତ୍‌ପଥ

ଉପରେ ପ୍ରତିଷ୍ଠିତ ତେବେ ଏହି ଧାରଣା ଭ୍ରମାତ୍ମକ । ମୋ ବିଚାରରେ ଈସା ମସିହଙ୍କର ମୃତ୍ୟୁବରଣ କରିବା ଅବା ଜୀବିତ ରହିବା ଏପରି ପ୍ରସଙ୍ଗ ନୁହେଁ, ଯାହା ପାଇଁ ପରାକ୍ରମୀ ଅଲ୍ଲାଃତାଲା ଏତେ ବଡ଼ ଭବ୍ୟ ଜମାଅତ ପ୍ରତିଷ୍ଠା କରି ଜଣେ ବିଶେଷ ଭକ୍ତକୁ ସଂସାରକୁ ପ୍ରେରଣ କରିବାର ଆବଶ୍ୟକତା ଥିଲା । ଅଲ୍ଲାଃତାଲା ସେତେବେଳେ ତାହାକୁ ଅବତୀର୍ଣ୍ଣ କରିଥା'ନ୍ତେ ଯେତେବେଳେ ତାହାର ସର୍ବାଧିକ ଆବଶ୍ୟକତା ରହିଥିଲା । ଅର୍ଥାତ୍ ସଂସାରରେ ଅନ୍ଧକାର ବ୍ୟାପିଯାଏ ଓ ଭୂପୃଷ୍ଠ ଅଭିଶପ୍ତ ହୋଇଯାଏ । ମସିହଙ୍କର ଓ୍ୱଫାତ୍ (ଏଠାରେ ମୃତ୍ୟୁର ତାତ୍ପର୍ଯ୍ୟ ମସିହଙ୍କର ମୃତ୍ୟୁବରଣ କରିବା ଅବା ଜୀବିତ ଥିବା ପ୍ରସଙ୍ଗ)ର ଭ୍ରାନ୍ତ ଧାରଣା କେବଳ ଆଜି ସୃଷ୍ଟି ହୋଇ ନାହିଁ, ବରଂ ଏହି ଭ୍ରମ ଧାରଣା ତ ହଜରତ ମୁହମ୍ମଦ ସ.ଅ.ଙ୍କ ଦେହାବସାନର ମାତ୍ର କିଛି ସମୟ ପର ଠାରୁ ଉତ୍ପନ୍ନ ହୋଇ ଯାଇଥିଲା । ବିଶିଷ୍ଟ ସାଧୁସନ୍ଥ, ପୁଣ୍ୟବନ୍ତ ଓ ତପସ୍ୱୀ ମଧ୍ୟ ଆସୁଥିଲେ, ତଥାପି ଲୋକମାନେ ଏହି ଭ୍ରାନ୍ତ ଧାରଣାର ଶିକୁଳିରୁ ମୁକ୍ତି ଲାଭ କରି ପାରିଲେ ନାହିଁ । ଯଦି ଏହି ଭ୍ରାନ୍ତ ଧାରଣାର ଦୂରୀକରଣ (ମୂଳ) ଉଦ୍ଦେଶ୍ୟ ଥା'ନ୍ତା, ତେବେ ପ୍ରଭୁ ସୁନିଶ୍ଚିତ କରି ଦେଇଥା'ନ୍ତେ କିନ୍ତୁ ଏପରି ହେଲା ନାହିଁ । ଆଉ ଏହି ଭ୍ରାନ୍ତ ଧାରଣା ଅବ୍ୟାହତ ରହିଲା, ଏପରିକି ଆମ୍ଭର ଯୁଗ ଆସିଗଲା । ଏବେ ମଧ୍ୟ ଯଦି କେବଳ ମାତ୍ର ଏହି ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟ ହୋଇଥା'ନ୍ତା, ତେବେ ପରମେଶ୍ୱର ଏହି ଜମାଅତକୁ ଗଠନ କରି ନଥା'ନ୍ତେ । କାରଣ ମସିହଙ୍କର ମୃତ୍ୟୁବରଣ କରିବା ଘଟଣା ତ ଏଭଳି ବିଷୟ ନଥିଲା, ଯାହାକି ପୂର୍ବରୁ କେହି ସ୍ୱୀକାର କରି ନାହାନ୍ତି । ପୂର୍ବରୁ ମଧ୍ୟ ଅନେକ ବିଶେଷ ମାନ୍ୟଗଣ, ସିଦ୍ଧପୁରୁଷ ଓ ମହାତ୍ମା ଯାହାଙ୍କ ଉପରେ ଅଲ୍ଲାଃତାଲା ଏହି ଭେଦକୁ ପ୍ରକଟ କରିଥିଲେ, ସେମାନେ ବିଶ୍ୱାସ କରୁଥିଲେ ଯେ, ଈସା ମସିହଙ୍କ ଦେହାନ୍ତ ଘଟି ସାରିଛି । ତେଣୁ ଏହି ଜମାଅତକୁ ଗଠନ କରିବା ପଛରେ ଆଉ କିଛି ଉଦ୍ଦେଶ୍ୟ ରହିଛି । ଏକଥା ସତ ଯେ, **ମସିହଙ୍କର ଦେହାନ୍ତ**

(ଏଠାରେ ମୃତ୍ୟୁର ତାତ୍ପର୍ଯ୍ୟ ମସିହଙ୍କର ମୃତ୍ୟୁବରଣ କରିବା ଅବା ଜୀବିତ ଥିବା ପ୍ରସଙ୍ଗ)ର ଭ୍ରାନ୍ତ ଧାରଣାକୁ ଦୂର କରିବା ମଧ୍ୟ ଏହି ଜମାଅତର ପ୍ରମୁଖ ଲକ୍ଷ୍ୟ ଥିଲା । କିନ୍ତୁ କେବଳ ଏହି ପ୍ରସଙ୍ଗର ସମାଧାନ କରିବା ପାଇଁ ପରମେଶ୍ୱର ମୋତେ ଛିଡ଼ା କରାଇ ନାହାନ୍ତି । ବରଂ ଆହୁରି ଅନେକ ଏପରି ବିବାଦପୂର୍ଣ୍ଣ ପ୍ରସଙ୍ଗ ମୁଣ୍ଡ ଟେକି ସାରିଥିଲା । ଯଦି ସେଗୁଡ଼ିକର ସମାଧାନ ନିମନ୍ତେ ଅଲ୍ଲାଃତାଲା ଏକ ଜମାଅତର ସ୍ଥାପନ କରି କାହାରିକୁ ମନୋନୀତ କରି ନଥା'ନ୍ତେ, ତେବେ ପୃଥିବୀ ଧ୍ୱଂସ ହୋଇ ଯାଇଥା'ନ୍ତା ଏବଂ **ଇସଲାମର** ଚିହ୍ନବର୍ଣ୍ଣ ବାକି ରହି ନଥା'ନ୍ତା!! ଏଥିସକାଶେ ଏହି ଉଦ୍ଦେଶ୍ୟକୁ ଅନ୍ୟ ଅର୍ଥରେ ଏପରି କହିପାରିବା ଯେ, ଆମ୍ଭ ଆବିର୍ଭାବର ଉଦ୍ଦେଶ୍ୟ କ'ଣ?

ଓ୍ୱଫାତେ୍ ମସିହ୍ ଓ ହୟାତେ ଇସଲାମ୍ (ମସିହଙ୍କର ମୃତ୍ୟୁ ଓ ଇସଲାମ୍‌ର ଜୀବିତ ହେବା) ଏହି ଦୁଇଟି ଯାକ ଉଦ୍ଦେଶ୍ୟ ପରସ୍ପର ସହିତ ଗଭୀର ଭାବେ ଜଡ଼ିତ ଏବଂ ଓ୍ୱଫାତେ୍ ମସିହ୍ ପ୍ରସଙ୍ଗଟି ଚଳିତ ଯୁଗରେ ହୟାତେ ଇସଲାମ୍ ପାଇଁ ଅନିବାର୍ଯ୍ୟ ହୋଇଯାଇଛି । ଅତଏବ ହୟାତେ ମସିହ୍ ଯୋଗୁଁ ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଛି ତାହା ଅତି ସାଂଘାତିକ ରୂପ ଧାରଣ କରିଛି । ହୟାତେ ମସିହ୍ ସକାଶେ ଏହା କହିବା ଯେ କ'ଣ ଅଲ୍ଲାଃତାଲା ଏଥିନିମନ୍ତେ ପୂର୍ଣ୍ଣ ସକ୍ଷମ ନୁହନ୍ତି ଯେପରିକି ତାଙ୍କୁ ଜୀବିତ ଆକାଶ ମାର୍ଗକୁ ଉଠାଇ ନେଇଯାଇଥା'ନ୍ତେ? ଅଲ୍ଲାଃତାଲାଙ୍କ ପ୍ରକୃତି ଓ ତାଙ୍କ★ ସମ୍ବନ୍ଧରେ ଅନଭିଜ୍ଞତାକୁ ପ୍ରକଟ କରୁଅଛି । ଆମେ ତ ସର୍ବାଧିକ ଭାବେ ଏହି କଥା ଉପରେ ବିଶ୍ୱାସ ରଖୁଛୁ ଯେ-

إِنَّ اللّٰهَ عَلٰى كُلِّ شَىْءٍ قَدِيْرٌ ଇନ୍ନଲ୍ଲାହା ଅଲା କୁଲ୍ଲେ ଶୈଇନ୍ କଦିର୍ (ବକରା 2:107) ଅର୍ଥାତ୍ ନିଃସନ୍ଦେହରେ ଅଲ୍ଲାଃତାଲା ପ୍ରତ୍ୟେକ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ରୂପେ ସକ୍ଷମ ଓ ଆମେ ବିଶ୍ୱାସ ରଖୁଛୁ ଯେ, ନିଃସନ୍ଦେହରେ

★ ଏଠାରେ ଲେଖକଙ୍କ ଦ୍ୱାରା କୌଣସି ଶବ୍ଦ ଲେଖିବାରେ ଉହ୍ୟ ରହିଯାଇଛି ।

ଅଲ୍ଲାଃତାଲା ଯାହା ଇଚ୍ଛା କରନ୍ତି, ତାହା କରିବାକୁ ପୂର୍ଣ୍ଣ ସମର୍ଥ । କିନ୍ତୁ ସେ ଏପରି ପ୍ରସଙ୍ଗରୁ ପବିତ୍ର ଓ କ୍ଷାନ୍ତ ରହିଥାନ୍ତି, ଯାହାକି ତାଙ୍କ ବିଶେଷତ୍ୱର ବିରୁଦ୍ଧ । ସେ ଏସବୁ କଥାର ଶତ୍ରୁ ଯେ, ତାଙ୍କ ଧର୍ମର ବିରୋଧୀମାନଙ୍କର ହଜରତ ଇସାଙ୍କ ଜୀବିତ ଥିବା ପ୍ରଥମାବସ୍ଥାରେ ତ କେବଳ ଏକ ଭ୍ରମର ଶିକାର ହେବାର ଆଶଙ୍କା ଥିଲା । କିନ୍ତୁ ଆଜି ସେହି ଭୁଲ ଗୋଟିଏ ବିଷଧର ସର୍ପର ରୂପ ଧାରଣ କରି ନେଇଛି, ଯାହାକି ଇସଲାମକୁ ଦଂଶନ କରିବାକୁ ବସିଛି । ପ୍ରାରମ୍ଭିକ କାଳରେ ଏହି ଭ୍ରମ ଦ୍ୱାରା କୌଣସି ପ୍ରକାରର ଅନିଷ୍ଟ ସାଧିତ ହେବାର ଆଶଙ୍କା ନଥିଲା, ବରଂ ଏକ ସାଧାରଣ ଭ୍ରମ ରୂପେ ରହିଥିଲା । କିନ୍ତୁ ଯେବେଠାରୁ ଖ୍ରୀଷ୍ଟଧର୍ମର ଉତ୍‌ଥାନ ହେଲା ଏବଂ ସେମାନେ ମସିହ୍‌ଙ୍କ ଈଶ୍ୱର ହେବାର ପ୍ରମାଣ ଦେଲେ, ସେତେବେଳେ ସେହି ଧାରଣା ବିପଦପୂର୍ଣ୍ଣ ସାବ୍ୟସ୍ତ ହେଲା । ସେମାନେ ବାରମ୍ବାର ଓ ଖୁବ୍ ତୀବ୍ରତାର ସହିତ ଏହି ପ୍ରସଙ୍ଗକୁ ଉଠାଇଲେ ଯେ ଯଦି ମସିହ୍ ଈଶ୍ୱର ନୁହନ୍ତି ତେବେ ସେ ଅର୍ଶ (ଦୈବି ପ୍ରାସାଦ)ରେ ଯାଇ କିପରି ବସିଛନ୍ତି ? ଆଉ ଯଦି କେହି ମନୁଷ୍ୟ ହୋଇ ଏପରି କାର୍ଯ୍ୟ କରିପାରେ, ତେବେ ସେ ଜୀବିତ ଆକାଶକୁ ଚାଲିଯାଉ । ଦେଖ ଆଦମ୍‌ଙ୍କ ଠାରୁ ଆରମ୍ଭ କରି ଏପର୍ଯ୍ୟନ୍ତ ସୁଦ୍ଧା କେହି ଜଣେ ହେଲେ ଆକାଶ (ସ୍ୱର୍ଗ)କୁ ସଶରୀରେ ଚାଲିଯାଇ ନାହିଁ ? ଏହି ଧରଣର ଦଲିଲ୍ ଉପସ୍ଥାପନ କରି ସେମାନେ ହଜରତ ଇସା ଅ.ସଙ୍କୁ ଈଶ୍ୱର କରିବାକୁ ଚାହୁଁଛନ୍ତି ଓ ସେମାନେ ଏପରି ହିଁ କରି ସଂଖ୍ୟାଧିକ ଲୋକଙ୍କୁ ପଥଭ୍ରଷ୍ଟ କରିଦେଲେ । ଏପରିକି ଶୁଣା ଯାଉଛି ଯେ, ୩୦ଲକ୍ଷରୁ ଊର୍ଦ୍ଧ୍ୱ ମୁସଲମାନ ଏହି ଭ୍ରମ ଆସ୍ଥାର ଶିକାର ହୋଇ ଯାଇଛନ୍ତି । ଏବେ ଯଦି ଏହି କଥା ସତ୍ୟ ହୋଇଥା'ନ୍ତା ଓ ବାସ୍ତବପକ୍ଷେ ହଜରତ ଇସାଅ.ସ ଆକାଶ (ସ୍ୱର୍ଗ)କୁ ଜୀବିତ ଚାଲି ଯାଇଥା'ନ୍ତେ, ଯେପରିକି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ କହିଥା'ନ୍ତି ଏବଂ ତତ୍‌ସହିତ ମୁସଲମାନମାନେ ନିଜ ଅଜ୍ଞତା ଓ ତ୍ରୁଟି ବଶତଃ ତାଙ୍କର ସମର୍ଥନ ମଧ୍ୟ କରିଥା'ନ୍ତି, ତେବେ ଏହା ତ ଇସଲାମ ଧର୍ମ ପାଇଁ

ଏକ ଶୋକ ସନ୍ତାପନାର ଦିନ ହୋଇଥା'ନ୍ତା । କାରଣ ଇସଲାମ ତ ବିଶ୍ୱବାସୀଙ୍କ ନିମନ୍ତେ ଏଥିପାଇଁ ଆସିଛି, ଯଦ୍ଦ୍ୱାରା ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱବାସୀଙ୍କ ମନରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ ହେବ ତଥା ତାଙ୍କ ଏକେଶ୍ୱରବାଦ ବିସ୍ତାର ଲାଭ କରିବ । ତାହା ଏକ ଏପରି ଧର୍ମ, ଯାହାର କୌଣସି ଦୁର୍ବଳତା ଓ ତ୍ରୁଟି ପରିଲକ୍ଷିତ ହୋଇ ନଥାଏ ।★ ସେମାନେ ତ ଅଲ୍ଲାଃତାଲାଙ୍କୁ ହିଁ ଏକ ଓ ଅଦ୍ୱିତୀୟ ମଣିଥା'ନ୍ତି ଏବଂ କାହାରି ସହ ତାଙ୍କୁ ସମତୁଲ୍ୟ କରି ନଥା'ନ୍ତି । ପରାକ୍ରମୀ ଈଶ୍ୱରଙ୍କ ପରି ଶାଶ୍ୱତ ହେବା ଅନ୍ୟ କାହାରି ଠାରେ ସେପରି ବିଶେଷତ୍ୱ ଥିବାର କଦାପି ସ୍ୱୀକାର କରି ନଥା'ନ୍ତି । କାରଣ ଏତଦ୍ ଦ୍ୱାରା ପ୍ରଭୁଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥାଏ, ଯାହାକୁ ଇସଲାମ ଗ୍ରହଣ କରି ନଥାଏ । କିନ୍ତୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଇସା ମସିହଙ୍କର ଏହି ବିଶେଷ ଗୁଣାବଳୀକୁ ଉପସ୍ଥାପନ କରି ବିଶ୍ୱବାସୀଙ୍କୁ ଭ୍ରମିତ କରିଛନ୍ତି, ଯାହାକୁ ମୁସଲମାନମାନେ ବିନା ବୁଝିବିଚାରୀ ସେମାନଙ୍କ ହଁ ରେ ହଁ ମିଳାଇ ଦେଲେ ଓ ସେହି ଅନିଷ୍ଟକୁ ଭ୍ରୂକ୍ଷେପ କଲେ ନାହିଁ ଯାହାକି ଇସଲାମକୁ ପହଞ୍ଚିଲା ।

ଏହି କଥାରେ କଦାପି ଧୋକାରେ ପଡି ନଯାଆନ୍ତୁ, ଯେପରିକି ଲୋକମାନେ କହିଥାନ୍ତି ଯେ କ'ଣ ଅଲ୍ଲାଃତାଲା ମସିହଙ୍କୁ ଜୀବିତ ଆକାଶକୁ ଉଠାଇ ନେବା ପାଇଁ ସମର୍ଥ ନୁହନ୍ତି ? ନିଃସନ୍ଦେହରେ ସେ ସକଳ କାର୍ଯ୍ୟ ପାଇଁ ସକ୍ଷମ, କିନ୍ତୁ ଏପରି ନିଜସ୍ୱ ନିୟମ ବିରୁଦ୍ଧ କାର୍ଯ୍ୟ ସେ କରି ନଥା'ନ୍ତି । ଯାହାକି ଶିରକ୍ (ଈଶ୍ୱରଙ୍କ ସମତୁଲ୍ୟ)ର ମୂଳାଧାର ହୋଇ କାହାରିକୁ ତାଙ୍କ ସମତୁଲ୍ୟ କରିବା ସାବ୍ୟସ୍ତ କରିଥାଏ । ଏକଥା ସୁସ୍ପଷ୍ଟ ଯେ, ଜଣକୁ କେତେକ କାରଣ ବଶତଃ ତାହାକୁ ବିଶେଷ ପ୍ରାଧାନ୍ୟ ଦେବା ହେଉଛି ଖୋଲାଖୋଲି ଶିରକ୍ । ସୁତରାଂ ହଜରତ ଇସା [ଅ.ସ]ଙ୍କ ଠାରେ ଏପରି ପ୍ରାଧାନ୍ୟ ଦର୍ଶାଇବା ଯେ, ସେ ସମଗ୍ର ମାନବଜାତିର ବିରୁଦ୍ଧ ହୋଇ ଏପର୍ଯ୍ୟନ୍ତ ସୁଦ୍ଧା ଜୀବିତ ଅଛନ୍ତି ଓ ସୃଷ୍ଟିର

★ ନକଲ ଅନୁଯାୟୀ ଅସଲ ମୂଳଲେଖା- (ପ୍ରକାଶକ)

ନିୟମ ଠାରୁ ସେ ପୃଥକ । ଏହା ଏକ ଏପରି ବିଶେଷତ୍ୱ ଯାହାକି ଖ୍ରୀଷ୍ଟଧର୍ମିକୁ ଅବସର ଆଣି ଦେଲା ଯେ, ତାଙ୍କ ଈଶ୍ୱରତ୍ୱ ପାଇବା ସକାଶେ ଏହା ଏକ ପ୍ରମାଣ ସ୍ୱରୂପ ଉଦ୍ଦିଷ୍ଟ । ଯଦି କୌଣସି ଖ୍ରୀଷ୍ଟଧର୍ମୀ ମୁସଲମାନ ଉପରେ ଆପତ୍ତି କରେ, ଯେ ତୁମେ ହିଁ କୁହ; କ'ଣ ଏପରି ବିଶେଷତ୍ୱ ସେତେବେଳେ ଅନ୍ୟ କାହାରିକୁ ପ୍ରାପ୍ତ ହୋଇଥିଲା ? ତେବେ ଏହାର କୌଣସି ଉତ୍ତର ତାହା ନିକଟରେ ନଥିବ । ବସ୍ତୁତଃ ସେମାନେ ବିଶ୍ୱାସ କରନ୍ତି ଯେ, କେବଳ ମସିହଙ୍କ ବ୍ୟତୀତ ସମସ୍ତ ଅବତାରଗଣ ମୃତ୍ୟୁବରଣ କରି ସାରିଛନ୍ତି । କିନ୍ତୁ ତାଙ୍କ କହିବାନୁଯାୟୀ ମୁସଲମାନମାନେ ମସିହ୍ଙ୍କ ଇହଧାମ ତ୍ୟାଗ କରିବା ବିଷୟକୁ ପ୍ରମାଣିତ କରିପାରି ନାହାନ୍ତି । କାରଣ ଶବ୍ଦ ତୱଁଫିର ଅର୍ଥ (ସେମାନେ) କାହାରିକୁ ଆକାଶ ମାର୍ଗକୁ ସଶରୀରେ ଉଠାଇ ନେବା କରିଥାନ୍ତି । ତେଣୁକରି فَلَمَّا تَوَفَّيْتَنِي ଫଲମ୍ମା ତୱଫ୍ ଫୈତନୀ (ମାଏଦାଃ 5:118)ର ମଧ୍ୟ ଏହି ଅର୍ଥ କରିବାକୁ ହେବ ଯେ, ଯେତେବେଳେ ତୁମ୍ଭେ ମୋତେ ଜୀବିତ ଅବସ୍ଥାରେ ଆକାଶକୁ ଉଠାଇ ନେଲ, ଅନ୍ୟ କୌଣସି ଆୟତ ଏହା ପ୍ରମାଣିତ କରୁ ନାହିଁ, ଯେ ତାହାର ମୃତ୍ୟୁ ମଧ୍ୟ ହେବ । ତେବେ କୁହ; ତାଙ୍କର ପରିଣାମ କ'ଣ ହେବ ? ଅଲ୍ଲାଃତାଲା ସେମାନଙ୍କୁ ମାର୍ଗ ଦର୍ଶନ କରନ୍ତୁ ଏବଂ ସେମାନେ ନିଜ ତ୍ରୁଟିକୁ ବୁଝନ୍ତୁ । ମୁଁ ସତ କହୁଛି; ଯେଉଁମାନେ ନିଜକୁ ମୁସଲମାନ ବୋଲାଇ ଏହି ଆସ୍ଥାର ଦୁର୍ବଳତା ଓ ତାହାର ତ୍ରୁଟି ଫସର ଫାଟି ଯିବା ପରେ ମଧ୍ୟ ସେହି (ଅବାସ୍ତବ ଆସ୍ଥା)ରୁ ନିବୃତ୍ତ ରହି ନଥାଏ । ବାସ୍ତବପକ୍ଷେ ସେ ଇସଲାମର ଶତ୍ରୁ ଓ ଏକ ବିଷଧର ସର୍ପ ବ୍ୟତିରେକେ ଅନ୍ୟ କିଛି ନୁହେଁ ।

ସ୍ମରଣ ରହୁ ଯେ ପବିତ୍ର କୁରଆନରେ ପରାକ୍ରମୀ ଅଲ୍ଲାଃତାଲା ବାରମ୍ବାର ଇସାଙ୍କ ମୃତ୍ୟୁ ଘଟି ଥିବାର ବର୍ଣ୍ଣନା କରିଛନ୍ତି, ଯାହା ପ୍ରମାଣ କରୁଛି ଯେ, ଅନ୍ୟ ଅବତାର ଓ ଲୋକମାନଙ୍କ ପରି ସେ ମଧ୍ୟ ଦେହ ତ୍ୟାଗ କରି ସାରିଛନ୍ତି । କୌଣସି ବିଷୟ ତାଙ୍କ ଠାରେ ଏପରି ନଥିଲା,

ଯାହା ଅନ୍ୟ ଅବତାର ଓ ମାନବଙ୍କ ଠାରେ ନାହିଁ । ଏହା ନିରାଟ ସତ୍ୟ ଯେ ଶବ୍ଦ ତୱଫ୍ଫିର ଅର୍ଥ ମୃତ୍ୟୁ ହିଁ ଅଟେ । କୌଣସି ଶବ୍ଦକୋଷରୁ ଏହା ପ୍ରମାଣସିଦ୍ଧ ନୁହେଁ ଯେ ତୱଫ୍ଫିର ଅର୍ଥ ଜୀବିତ ଥାଇ ଆକାଶକୁ ଉତ୍ଥିତ କରାଯିବା । ଭାଷାର ମାଧୁର୍ଯ୍ୟତା ତାହାର ଭାଷାକୋଷର ବ୍ୟାପକତାରୁ ପ୍ରତିପାଦିତ ହୋଇଥାଏ । ବିଶ୍ୱବ୍ରହ୍ମାଣ୍ଡରେ ଏପରି କୌଣସି ଶବ୍ଦକୋଷ ନାହିଁ, ଯାହା କେବଳ ଜଣକ ପାଇଁ ଉପଲବ୍ଧ ହୋଇଥାଏ ଏବଂ ଅନ୍ୟମାନଙ୍କ ପାଇଁ ତାହା ହୋଇ ନଥାଏ । ହଁ, ପରମେଶ୍ୱରଙ୍କ ପାଇଁ ଏହି ବୈଶିଷ୍ଟ୍ୟ ଏଥିସକାଶେ ଜରୁରୀ ଯେ ସେ ଏକ ଓ ଅଦ୍ୱିତୀୟ । ଯେକୌଣସି ଶବ୍ଦକୋଷକୁ ଦେଖିନିଅ କ'ଣ କୌଣସି ସ୍ଥଳ ବିଶେଷରେ ଶବ୍ଦ ତୱଫ୍ଫିର ଅର୍ଥ ହଜରତ ଇସାଙ୍କ ପାଇଁ କୁହାଯାଇଥିବ ଯେ ତାଙ୍କୁ ଜୀବିତ ଅବସ୍ଥାରେ ଆକାଶକୁ ସଶରୀରେ ଉଠାଯିବ ଏବଂ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଯେତେବେଳେ ଏହି ଶବ୍ଦ ବ୍ୟବହାର କରାଯିବ ସେତେବେଳେ ଏହାର ଅର୍ଥ ମୃତ୍ୟୁବରଣ କରିବା ହେବ । ଏପରି କିସମର ବିଶେଷତ୍ୱ ଉଲ୍ଲେଖ ଥିବା କୌଣସି ଶବ୍ଦକୋଷ ତ ଦେଖାଅ ? ଆଉ ଯଦି ଦେଖାଇ ନପାର, ଯାହା ତୁମେ ଦେଖାଇ ପାରିବ ନାହିଁ । ତେବେ ପରମେଶ୍ୱରଙ୍କୁ ଭୟ କର । କାରଣ ଏପରି ଉକ୍ତି ହେଉଛି ଶିରକ୍‌ର ଉତ୍ପତ୍ତି ସ୍ଥଳ । ଏହି ତ୍ରୁଟିର ପରିଣାମ ସ୍ୱରୂପ ତ ମୁସଲମାନମାନେ ଖ୍ରୀଷ୍ଟଧର୍ମୀଙ୍କର ଋଣି ସାବ୍ୟସ୍ତ ହେଉଛନ୍ତି । ଯଦି ଖ୍ରୀଷ୍ଟଧର୍ମୀ ଏକଥା କୁହନ୍ତି; ଯେ ଯେଉଁ ଅବସ୍ଥାରେ ତୁମେ ମସିହ୍‌କୁ ଜୀବିତ ମନେକରୁଛ ଯେ, ସେ ଆକାଶରେ ଜୀବିତ ଅଛନ୍ତି ଓ ତାଙ୍କର ପୁନରାଗମନ ହେବା କଥାକୁ ବିଶ୍ୱାସ କରୁଛ ତଥା ବିଶ୍ୱାସ କରୁଛ ଯେ ସେ ଜଣେ ହାକିମ (ବିଚାରକ) ଭାବରେ ଧରାପୃଷ୍ଠରେ ଅବତରଣ କରିବେ । ବର୍ତ୍ତମାନ ତୁମେ ହିଁ କୁହ ସେ ସ୍ୱୟଂ ପରମେଶ୍ୱର ହେବାରେ କ'ଣ କିଛି ସନ୍ଦେହ ରହିଗଲା ? ଯେତେବେଳେ ଏହା ମଧ୍ୟ ପ୍ରମାଣିତ ହେବ ନାହିଁ ଯେ କଦାଚିତ ତାହାର ମୃତ୍ୟୁ ମଧ୍ୟ ହେବ । ଏପରି କହିବା ବାସ୍ତବରେ ବଡ଼ ବିପଦଜନକ ପ୍ରସଙ୍ଗ ଯେ,

**ଖ୍ରୀଷ୍ଟଧର୍ମୀ ପ୍ରଶ୍ନ କରିବେ ଏବଂ ତାହାର ଉତ୍ତର ଆମ ପାଖରେ ନଥିବ ?**

ବସ୍ତୁତଃ ଏହି ଭ୍ରମର କୁପ୍ରଭାବ ଏତେ ଦୂର ବଢି ଯାଇଛି । ଏହା ସତ ଯେ, ବାସ୍ତବପକ୍ଷେ ମସିହ୍‌ଙ୍କ ମୃତ୍ୟୁବରଣ କରିବା ପ୍ରସଙ୍ଗ ଏପରି ମହତ୍ୱପୂର୍ଣ୍ଣ ନଥିଲା ଯେ ସେଥିପାଇଁ ଜଣେ ମହାନ ସଂସ୍କାରକଙ୍କ ଆସିବା ଆବଶ୍ୟକ ଥିଲା ! କିନ୍ତୁ ମୁଁ ଦେଖୁଅଛି ଯେ, ମୁସଲମାନମାନଙ୍କ ଅବସ୍ଥା ଅତି ଶୋଚନୀୟ ହୋଇଯାଇଛି । ସେମାନେ ପବିତ୍ର କୁରଆନର ପଠନ ଓ ତାହାର ବିଶ୍ଳେଷଣ କରିବାରୁ ଓହରି ଯାଇଛନ୍ତି ଓ ସେମାନଙ୍କ କାର୍ଯ୍ୟକଳାପ ଖରାପ ହୋଇଯାଇଛି । ଯଦି ସେମାନଙ୍କ ବ୍ୟବହାରିକ ଅବସ୍ଥା ସଠିକ୍ ହୋଇଥାନ୍ତା ଏବଂ ସେମାନେ ପବିତ୍ର କୁରଆନ ଓ ତାହାର ଭାବାର୍ଥ ପ୍ରତି ଧ୍ୟାନ କେନ୍ଦ୍ରିତ କରିଥା'ନ୍ତେ, ତେବେ ଏପରି ଅର୍ଥ କଦାପି କରି ନଥା'ନ୍ତେ । ସେମାନେ ଏଥିସକାଶେ ତୱୀଫି ଶବ୍ଦର ଅର୍ଥ ନିଜ ଆଡୁ ଏପରି ଅଭୂତପୂର୍ବ କରିଦେଲେ ନଚେତ୍ ଏହା କୌଣସି ନୂତନ ଶବ୍ଦ ନଥିଲା । ଏହି ଶବ୍ଦର ଅର୍ଥ ଆରବୀ ଭାଷାକୋଷରେ ସଭିଏଁ ମୃତ୍ୟୁ ହିଁ କରିଛନ୍ତି । ଏହା ସତ୍ତ୍ୱେ ସେମାନେ ଏହାର ଅର୍ଥ ସଶରୀରେ ଆକଶକୁ ଉଠାଯିବା କାହିଁକି କଲେ । ଆମର ହୃଦୟ ବ୍ୟଥିତ ହୋଇ ନଥାନ୍ତା ଯଦି ହଜରତ ମୁହମ୍ମଦ ସ.ଅଙ୍କ ସକାଶେ ମଧ୍ୟ ଏହି ଶବ୍ଦର ଅର୍ଥ ଅନୁରୂପ କରିଥା'ନ୍ତେ । କାରଣ ଏହି ଶବ୍ଦ ପବିତ୍ର କୁରଆନରେ ମହାଭାଗଙ୍କ ସକାଶେ ମଧ୍ୟ ରହିଛି । ଯେପରିକି ଅଲ୍ଲାଃତାଲା କୁହନ୍ତି,

وَإِمَّا نُرِيَنَّكَ بَعْضَ الَّذِي نَعِدُهُمْ أَوْ نَتَوَفَّيَنَّكَ

ଓଇମ୍ମା ନୁରିୟନ୍ନକା ବାଜଲ୍ ଲଜି ନଇଦୁହୁମ୍ ଅୱନତୱଫ୍ ଫୈୟନ୍‌ନକା (ୟୁନୁସ୍ 10:47) ଏବେ କୁହ ଯଦି ଏହି ଶବ୍ଦର ଅର୍ଥ ସଶରୀରେ ଆକଶ ମାର୍ଗକୁ ଉଠାଯିବା ହେବ ତେବେ କ'ଣ ଆମର ଅଧିକାର ନାହିଁ, ଯେ ମହୋଦୟଙ୍କ ପାଇଁ ମଧ୍ୟ ସେହି ସମାନ ଅର୍ଥ କରିବା । ତେବେ କେଉଁ କାରଣରୁ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅଙ୍କ ଠାରୁ ସହସ୍ର ଗୁଣ ତଳ ସ୍ତରର ହୋଇ ମଧ୍ୟ ତାଙ୍କ ପାଇଁ ଯେଉଁ ଶବ୍ଦର

ମନଗଢା ଅର୍ଥ କରି ତାଙ୍କୁ ଜୀବିତ ଆକାଶପୁରରେ ବସାଯାଇଛି, ସେହି ଶବ୍ଦ ଯେତେବେଳେ ସର୍ବଶ୍ରେଷ୍ଠ ନବୀଙ୍କ ସକାଶେ ବ୍ୟବହାର କରାଯାଏ, ସେତେବେଳେ ତାହା କେବଳ ମୃତ୍ୟୁ ବ୍ୟତୀତ ଅନ୍ୟ କୌଣସି ଅର୍ଥ କରାଯାଏ ନାହିଁ । ଯଦିଚ ହଜରତ ମୁହମ୍ମଦ[ସ.ଅ] ଜୀବିତ ନବୀ ଏବଂ ଯାହାଙ୍କ ଜୀବନ ଏପରି ସ୍ୱଚ୍ଛ ଓ ପରିଷ୍କାର ରୂପେ ପ୍ରମାଣିତ ଯାହାକି ଅନ୍ୟ କୌଣସି ନବୀଙ୍କର ସେପରି (ସୁରକ୍ଷିତ) ନାହିଁ । ତେଣୁ ଆମେ ଏହି କଥା ଅତି ଦୃଢତାର ସହିତ ଉପସ୍ଥାପନ କରିଥାଉ ଯେ, ଯଦି କୌଣସି ନବୀ ଜୀବିତ ତେବେ ସେ ହେଉଛନ୍ତି, ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] । ଅଧିକାଂଶ ବଡ଼ ବଡ଼ ଜୀବନୀ ଲେଖକମାନେ ହୟାତେ ନବୀ (ନବୀଙ୍କ ଜୀବନୀ) ଉପରେ ପୁସ୍ତକ ରଚନା କରିଛନ୍ତି । ଆମ ନିକଟରେ ତାହାଙ୍କ ଜୀବନୀ ଘଟଣାବଳୀର ଏପରି ଅକାଟ୍ୟ ପ୍ରମାଣମାନ ରହିଛି, ଯାହାର କେହି ମୁକାବିଲା କରିପାରିବେ ନାହିଁ । ସାମଗ୍ରିକ ରୂପେ କହିବାକୁ ଗଲେ ଜୀବିତ ନବୀ ସେ ହିଁ ହୋଇପାରିବେ, ଯାହାର କଲ୍ୟାଣ ଓ ବିଭୂତି ଚିରକାଳ ପାଇଁ ଅବ୍ୟାହତ ରହିଥିବ ଏବଂ ଆମେମାନେ ଏହା ଅବଲୋକନ କରୁଛୁ ଯେ, ଅଲ୍ଲାଃତାଲା ତାଙ୍କ ଯୁଗରୁ ଆରମ୍ଭ କରି ଏପର୍ଯ୍ୟନ୍ତ ସୁଦ୍ଧା କଦାପି ମୁସଲମାନମାନଙ୍କର ଉପେକ୍ଷା କରି ନାହାନ୍ତି । ପ୍ରତ୍ୟେକ ଶତାବ୍ଦୀରେ ନିଜର କୌଣସି ନା କୌଣସି ପ୍ରିୟ ଭକ୍ତଙ୍କୁ ପ୍ରେରଣ କରିଛନ୍ତି । ଯେଉଁମାନେ ସ୍ଥାନ କାଳ ଅନୁଯାୟୀ ଲୋକମାନଙ୍କ ସୁଧାର କାର୍ଯ୍ୟ ସମ୍ପାଦନ କରୁଥିଲେ । ଏପରିକି ସେହି ପରାକ୍ରମୀ ପ୍ରଭୁ ଚଳିତ ଯୁଗ ପାଇଁ ମୋତେ ପ୍ରେରଣ କରିଛନ୍ତି, ଯଦ୍ଵାରା ମୁଁ ହୟାତେ ନବୀର ପ୍ରମାଣ ଦେବି । ଏହି ପ୍ରସଙ୍ଗ ପବିତ୍ର କୁରଆନରୁ ମଧ୍ୟ ପ୍ରମାଣ ସିଦ୍ଧ ଯେ, ଅଲ୍ଲାଃତାଲା ହଜରତ ମୁହମ୍ମଦ [ସ.ଅ]ଙ୍କ ଧର୍ମର ସୁରକ୍ଷା କରିଥା'ନ୍ତି । ଯେପରିକି ସେ କୁହନ୍ତି;

إِنَّا نَحْنُ نَزَّلْنَا الذِّكْرَ وَإِنَّا لَهُ لَحَافِظُونَ

ଇନ୍ନା ନହ୍‌ନୁ ନଜ୍‌ଜଲ୍ ନଜ୍‌ଫିକ୍‌ରା ଓ ଇନ୍ନା ଲହୁ ଲାହାଫିଜୁନ୍ (ହିଜର୍ 15:10)

ଅର୍ଥାତ୍ ନିଃସନ୍ଦେହରେ ଆମେ ହିଁ ଏହି ଗ୍ରନ୍ଥକୁ ଅବତୀର୍ଣ୍ଣ କରିଅଛୁ ଓ ଆମ୍ଭେ ହିଁ ତାହାର ସଂରକ୍ଷଣ କରିବୁ । ଇନ୍ନା ଲହୁ ଲାହାଫିଜୁନ୍ ଶବ୍ଦ ସ୍ପଷ୍ଟ ପ୍ରମାଣିତ କରୁଅଛି ଯେ ଶତାବ୍ଦୀର ପ୍ରାରମ୍ଭରେ ଏପରି ଦୈବିପୁରୁଷ ଆଗମନ କରିବେ, ଯିଏକି ହଜି ଯାଇଥିବା ପ୍ରସଙ୍ଗର ପୁନଃ ଉପସ୍ଥାପନ କରିବେ ଓ ଲୋକମାନେ ପାସୋରି ବସିଥିବା ବିଷୟ ସ୍ମରଣ କରାଇ ଦେବେ ।

ଏହା ନୀତିଗତ ବିଷୟ ଯେ, ଯେତେବେଳେ ପ୍ରଥମ ଶତାବ୍ଦୀ ଅତିବାହିତ ହୋଇଯାଏ, ସେତେବେଳେ ପ୍ରଥମ ପିଢି ମଧ୍ୟ ଉଠି ଯାଇଥାଏ । ସେହି ପିଢିରେ ଯେଉଁ ବିଜ୍ଞ, ହାଫିଜ୍ (କୁରଆନ ମୁଖସ୍ଥକାରୀ), ସନ୍ଥ ଓ ସିଦ୍ଧପୁରୁଷ ଜନ୍ମ ଗ୍ରହଣ କରିଥିଲେ, ସେମାନଙ୍କର ନିଧନ ହୋଇଯାଇଛି । ଏପରି ଧର୍ମକୁ ସଚେତ ରଖିବା ନିମନ୍ତେ ଆବଶ୍ୟକ ଥିଲା ଯେ, କେହି ଜଣେ ପୁରୁଷ (ମହାତ୍ମା)ଙ୍କର ଆଗମନ ହେଉ । କାରଣ ଯଦି ଦ୍ୱିତୀୟ ଶତାବ୍ଦୀରେ ଇସଲାମ୍‌କୁ ସତେଜ ଓ ସକ୍ରୀୟ ରଖିବାର ନୂତନ ଆୟୋଜନ ନକରାଯାଏ ତେବେ **ଏହି ଧର୍ମ ନିର୍ଜୀବ ପାଲଟି** ଯାଇଥା'ନ୍ତା । ତେଣୁ ସେ ପ୍ରତି ଶତାବ୍ଦୀର ପ୍ରାରମ୍ଭରେ ଜଣେ ବ୍ୟକ୍ତିକୁ ଚୟନ କରିଥା'ନ୍ତି । ଯିଏକି ଇସଲାମ୍‌ର ପ୍ରତିରକ୍ଷା କରିଥା'ନ୍ତି ଏବଂ ତାହା ମଧ୍ୟରେ ନୂତନ ପ୍ରାଣ ସଂଚାର କରିଥା'ନ୍ତି ତଥା ସଂସାରବାସୀଙ୍କୁ ସେମାନଙ୍କ ଭ୍ରମ ଧାରଣା, ଦୋଷତ୍ରୁଟି, କୁପ୍ରଥା ପରମ୍ପରା, ଆଳସ୍ୟପଣ ତଥା ଅବହେଳାରୁ ରକ୍ଷା କରିଥା'ନ୍ତି, ଯାହାକି ସେମାନଙ୍କ ମଧ୍ୟରେ ଉତ୍ପନ୍ନ ହୋଇ ଯାଇଥାଏ ।

ଏହି ବିଶେଷତ୍ୱ କେବଳ ହଜୁର ସ.ଅଙ୍କୁ ଲାଭ ହୋଇଛି ଏବଂ ଏହା ତାଙ୍କ ଜୀବନ୍ତ ହେବାର ଏଭଳି ବଳିଷ୍ଠ ପ୍ରମାଣ ଯେ, କେହି ହେଲେ ଏହାର ମୁକାବିଲା କରିପାରିବେ ନାହିଁ । ଏପରି ତାହାଙ୍କ କଲ୍ୟାଣ ଓ ଆଶୀର୍ବାଦର ନିରନ୍ତର ପ୍ରକ୍ରିୟା ଯାହା ଅପାର ଓ ଅବିଚ୍ଛିନ୍ନ ହୋଇ ରହିଥାଏ । ପ୍ରତ୍ୟେକ ଯୁଗରେ ମୁସଲମାନ୍ ସମ୍ପ୍ରଦାୟ ମହାଭାଗଙ୍କ ଠାରୁ ସିଧାସଳଖ କଲ୍ୟାଣ ଲାଭ କରୁଛି ତଥା ତାଙ୍କ ଠାରୁ ହିଁ ଶିକ୍ଷା ହାସଲ

କରୁଛି ଏବଂ ଅଲ୍ଲାଃତାଲାଙ୍କ ପ୍ରିୟ ଭକ୍ତଙ୍କ ପରିଚୟ ଲାଭ କରେ ଯେପରିକି ଅଲ୍ଲାଃ କହିଛନ୍ତି; إِنْ كُنْتُمْ تُحِبُّونَ اللّٰهَ فَاتَّبِعُونِي يُحْبِبْكُمُ اللّٰهُ

ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିଉନୀ ୟୁହ୍‌ବିବ୍ କୁମୁଲ୍ଲାଃ (ଆଲେ ଇମ୍ରାନ 3:32) ସୁତରାଂ ପରମେଶ୍ୱରଙ୍କ ଭଲ ପାଇବା ଏପରି ପ୍ରକାଶ ଲାଭ କରେ ଯେ, ଏହି ସମ୍ପ୍ରଦାୟକୁ କୌଣସି ଶତାବ୍ଦୀରେ ଏକାକୀ ନିରାଶ୍ରୟ କରି ଛାଡ଼ିଦେଇ ନଥାଏ । ଏହା ହିଁ ଏକମାତ୍ର ପ୍ରସଙ୍ଗ, ଯାହାକି ହୁଜୁର ସ.ଅଙ୍କ **ଜୀବିତ** ହେବାର ଜାଜୁଲ୍ୟମାନ ପ୍ରମାଣ । ଏହା ବିପରୀତ ପକ୍ଷେ ହଜରତ ଇସା ଅ.ସଙ୍କ ଜୀବିତ ଥିବା ପ୍ରମାଣସିଦ୍ଧ ନୁହେଁ । ତାଙ୍କ ଜୀବନରେ ହିଁ ଏପରି ବିଶୃଙ୍ଖଳା ବିସ୍ତାର ଲାଭ କଲା ଯେ, କୌଣସି ନବୀଙ୍କ ଜୀବନରେ ସେପରି ହୋଇ ନାହିଁ । ଏହି କାରଣରୁ ଅଲ୍ଲାଃତାଲାଙ୍କୁ ହଜରତ ଇସା ଅ.ସଙ୍କୁ ପ୍ରଶ୍ନ କରିବାକୁ ପଡ଼ିଲା ଯେ–

ءَأَنْتَ قُلْتَ لِلنَّاسِ اتَّخِذُونِي وَأُمِّيَ إِلٰهَيْنِ

ଆଅନ୍ତା କୁଲ୍‌ତା ଲିନ୍ ନାସିତ୍ ତଖିଜୁନୀ ଓ ଉମ୍ମିୟା ଇଲାହେଁନୀ (ମାଏଦାଃ 5:117) ଅର୍ଥାତ୍ ହେ ପ୍ରଭୁ! କ'ଣ ତୁମ୍ଭେ ଲୋକମାନଙ୍କୁ କହିଥିଲ, ଯେ ମୋତେ ଓ ମୋର ମାତାଙ୍କୁ ନିଜର ଉପାସ୍ୟ ସ୍ଥିର କରିନିଅ । ଯେଉଁ ଦଳ ହଜରତ ଇସାଅ.ସ ଗଠନ କରିଥିଲେ, ସେମାନେ ଏଭଳି ଦୁର୍ବଳ ଓ ଅବିଶ୍ୱସନୀୟ ଥିଲେ, ଯାହାକୁ ଖ୍ରୀଷ୍ଟଧର୍ମୀ ନିଜେ ମଧ୍ୟ ସ୍ୱୀକାର କରନ୍ତି ।

ଇନ୍‌ଜିଲ୍‌ରୁ ଏହା ପ୍ରମାଣ ସିଦ୍ଧ ଯେ, ସେହି ବାରଜଣ ଶିଷ୍ୟ ଯିଏକି ଯୀଶୁ ମସିହଙ୍କର ବିଶେଷ ପ୍ରଭାବ ଓ ପବିତ୍ରତାର ନମୁନା ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଯାହାଙ୍କ ନାମ ୟହୁଦା ଅସ୍କରିଉତୀ ଥିଲା, ସେ ମାତ୍ର ୩୦ଟଙ୍କା ନେଇ ନିଜ ମାଲିକ ଓ ମାର୍ଗଦର୍ଶକଙ୍କୁ ବିକ୍ରି କରିଦେଲା ଏବଂ ଆଉ ଜଣେ ବ୍ୟକ୍ତି ଯେ ଅତି ନିକଟବର୍ତ୍ତୀ (ଅର୍ଥାତ୍ ପଟ୍ଟଶିଷ୍ୟ) ଥିଲା, ଯାହାକୁ ମାର୍ଗଦର୍ଶକ ଅନୁଗାମୀ କୁହାଯାଉଥିଲା । ଯାହା ହସ୍ତରେ

ବୈକୁଣ୍ଠର ଚାବିକାଠି ରହିଥିଲା ଅର୍ଥାତ୍ ପିତରସ୍ । ସେ ଇସା ଅ.ସଙ୍କ ସମ୍ମୁଖରେ ଛିଡ଼ା ହୋଇ ତିନି ଥର ତାଙ୍କୁ **ଅଭିଶାପ** ଦେଲା ଯେତେବେଳେ ସ୍ୱୟଂ ହଜରତ ମସିହ ଅ.ସଙ୍କ ଉପସ୍ଥିତିରେ ସେମାନଙ୍କର ଏପରି ଦୁଃସାହସିକ ଆଚରଣ ଓ ପ୍ରଭାବ ଥିଲା । ତେବେ ସମ୍ପ୍ରତି ୧୯୦୦ବର୍ଷ ଅତିବାହିତ ହେବା ପରେ ସେହି ଧର୍ମାବଲମ୍ବୀମାନଙ୍କର କ'ଣ ଯେ ଅବସ୍ଥା ବାକି ରହିଥିବ, ତୁମେ ନିଜେ ଅନୁମାନ କରିନିଅ । ଅପରପକ୍ଷେ ହଜରତ ମୁହମ୍ମଦ ମୁସ୍ତଫାସ.ଅ ଯେଉଁ ଦଳ ପ୍ରସ୍ତୁତ କରିଥିଲେ, ସେମାନେ ଏପରି **ସତ୍ୟବାଦୀ ଓ ବିଶ୍ୱସ୍ତ** ଥିଲେ ଯେ ସେମାନେ ମହାଭାଗଙ୍କ ସକାଶେ ନିଜ ପ୍ରାଣର ଆହୁତି ଦେଲେ, ସ୍ୱଦେଶ ଛାଡ଼ି ଦେଲେ, ନିଜ ପରିଜନ ଓ ସମ୍ପର୍କୀୟଙ୍କ ଠାରୁ ବିଚ୍ଛେଦର ବିରହ ବେଦନାକୁ ସାଦରେ ଗ୍ରହଣ କରିନେଲେ । ବସ୍ତୁତଃ ନିଜ ପ୍ରିୟ ମୁନିବ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ପାଇଁ କୌଣସି ସାଂସାରିକ ବସ୍ତୁକୁ ଭ୍ରୂକ୍ଷେପ କଲେ ନାହିଁ । ତେବେ ଏହା କିପରି ପ୍ରଭାବଶାଳୀ ପରିବର୍ତ୍ତନ ଥିଲା, ଯାହାର ଶତ୍ରୁ ମଧ୍ୟ ସାକ୍ଷ୍ୟ ଦେଲା ଏବଂ ମହାଭାଗଙ୍କ ସେହି ପରାକାଷ୍ଠା (ଭବ୍ୟ ପ୍ରଭାବ) କାଳକ୍ରମେ ଏତିକିରେ ସ୍ଥଗିତ ହୋଇଯାଇ ନଥିଲା, ବରଂ ଏବେ ସୁଦ୍ଧା ତାହା ବଳବତ୍ତର ରହିଛି । ପବିତ୍ର କୁରଆନ୍‌ର ଶିକ୍ଷାରେ ସେହି ଆକର୍ଷଣୀୟ ପ୍ରଭାବ ଓ ସମୃଦ୍ଧି ଆଜି ମଧ୍ୟ ବଜାୟ ରହିଛି । ପୁନଃ ସେହି ପ୍ରଭାବର ଆଉ ଏକ ନମୁନା ଏଠାରେ ଉଲ୍ଲେଖ ଯୋଗ୍ୟ ଯେ (କୁରଆନ ମୁକାବିଲାରେ) ଇନ୍‌ଜିଲ୍‌ର କୌଣସି ସ୍ଥିତି ହିଁ ଜଣାପଡୁ ନାହିଁ । ସ୍ୱୟଂ ଖ୍ରୀଷ୍ଟଧର୍ମୀମାନେ ଏହି ପ୍ରସଙ୍ଗରେ ସମସ୍ୟା ଘେରରେ ନିପତିତ ଯେ, ପ୍ରକୃତ ଇନ୍‌ଜିଲ୍ ଗ୍ରନ୍ଥ କେଉଁଟି ଓ ତାହା କେଉଁ ଭାଷାରେ ଲିଖିତ ଥିଲା ଓ ତାହା କେଉଁଠି ଅଛି ? କିନ୍ତୁ ପବିତ୍ର କୁରଆନ୍‌ର ନିୟମିତ ରୂପେ ସଂରକ୍ଷଣ ହୋଇ ଆସୁଛି ଏବଂ ତାହାର ଗୋଟିଏ ଶବ୍ଦ ଓ ଗୋଟିଏ ବିନ୍ଦୁ ମଧ୍ୟ ଆଗପଛ ହୋଇ ନାହିଁ । ଏପରି ସଂରକ୍ଷିତ କରାଯାଇଛି, ଯେ ପବିତ୍ର କୁରଆନର ଶତସହସ୍ର ବରଂ ଲକ୍ଷାଧିକ ହାଫିଜ୍ (କୁରଆନ

ମୁଖସ୍ତକାରୀ) ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତିରେ ଦେଖିବାକୁ ମିଳିଯାନ୍ତି, ଯେଉଁମାନଙ୍କ ମଧ୍ୟରେ ପାରସ୍ପରିକ ସହମତି ରହିଛି । ସେମାନେ ସର୍ବଦା ଏହାକୁ ସ୍ମରଣ କରୁଥା'ନ୍ତି ଓ ଶୁଣାଇ ଥା'ନ୍ତି । ବର୍ତ୍ତମାନ କୁହ, ଯେ କ'ଣ ଏସବୁ ମହାଭାଗଙ୍କ ଆର୍ଶୀବାଦ ତଥା ଜୀବନ୍ତ କଲ୍ୟାଣମୟ ଦୃଷ୍ଟାନ୍ତ ନୁହେଁ? ଆଉ କ'ଣ ଏତଦ୍ ଦ୍ୱାରା ତାଙ୍କର **ଜୀବିତ** ହେବା ସିଦ୍ଧ ହେଉ ନାହିଁ?

ବସ୍ତୁତଃ ପବିତ୍ର କୁରଆନ୍‌ର ସୁରକ୍ଷା ଦୃଷ୍ଟିକୋଣରୁ ଓ ଧର୍ମର ନବୀକରଣ ନିମନ୍ତେ ପ୍ରତ୍ୟେକ ଶତାବ୍ଦୀରେ ସୁଧାରକଙ୍କ ଆଗମନ ହେବା ହଦିସ୍‌ରୁ ତଥା ମହାଭାଗଙ୍କ ଆଶିଷ ଓ ପ୍ରଭାବ ଯାହାକି ଆଜି ସୁଦ୍ଧା ଜାରି ରହିଛି, ତାଙ୍କର **ଜୀବିତ** ହେବା ପ୍ରମାଣିତ କରୁଛି । ଏବେ ଏହା ଧ୍ୟାନ ଅକର୍ଷଣକାରୀ ବିଷୟ ଯେ, ହଜରତ ଇସା [ଅ.ସ]ଙ୍କର **ଜୀବିତ** ରହିଥିବା ସିଦ୍ଧାନ୍ତ ବିଶ୍ୱବାସୀଙ୍କର କି ଉପକାର ସାଧିତ କରିଛି ? କ'ଣ କିଛି ଚାରିତ୍ରିକ ଓ ପ୍ରୟୋଗ ଭିତ୍ତିକ ସୁଧାର ହୋଇଛି ନା ବିଶୃଙ୍ଖଳା ସୃଷ୍ଟି ହୋଇଛି ? ଏହି ବିଷୟର ଯେଭଳି ବିଶ୍ଳେଷଣ କରିବେ, ସେହିପରି ତାହାର ଅପକାରୀତାର ପେଡ଼ି ଖୋଲି ଚାଲିଥିବ । ମୁଁ ସତ କହୁଛି, ଏହି ବିଶ୍ୱାସ ପୋଷଣ କରିବା ଫଳରେ ଇସଲାମ୍ ବହୁତ ବଡ଼ କ୍ଷତି ଉଠାଇଛି । ଏପରିକି ପାଖାପାଖି ୪୦କୋଟି ଲୋକ ଖ୍ରୀଷ୍ଟଧର୍ମୀ ପାଲଟି ଗଲେ । ଯେଉଁମାନେ ଏକ ପରାକ୍ରମୀ ଈଶ୍ୱରଙ୍କୁ ଛାଡ଼ି ଜଣେ ଅସହାୟ ମାନବକୁ ନିଜର ଈଶ୍ୱର ସ୍ୱୀକାର କରି ନେଇଛନ୍ତି । ଆଉ ଖ୍ରୀଷ୍ଟଧର୍ମ ସଂସାରବାସୀଙ୍କର ଯେଭଳି ମଙ୍ଗଳ ସାଧନ କରିଛି, ତାହା ତ ପ୍ରତ୍ୟେକଙ୍କୁ ଭଲ ଭାବରେ ଜଣା । ସ୍ୱୟଂ ଖ୍ରୀଷ୍ଟଧର୍ମାବଲମ୍ବୀ ସ୍ୱୀକାର କରନ୍ତି ଯେ, ଏହି ଧର୍ମମତ ଯୋଗୁଁ ଅନେକ କିସମର ଅପକର୍ମ ଓ ମନ୍ଦ ଆଚରଣ ସଂସାରରେ ପରିବ୍ୟାପ୍ତ ହେଲା । କାରଣ ଯେତେବେଳେ ମନୁଷ୍ୟକୁ ତାଲିମ ଦିଆଯାଏ ଯେ ତାହାର ମନ୍ଦକର୍ମ ଅନ୍ୟ କାହା ଭାଗରେ ଚାଲିଯିବ, ସେତେବେଳେ ତାହାକୁ ଅସତ୍ କର୍ମ କରିବାର ସାହସ ମିଳି ଯାଇଥାଏ ଏବଂ ଅପକର୍ମ ମାନବଜାତି ନିମନ୍ତେ ଏକ ପ୍ରାଣନାଶକ ବିଷ, ଯାହାକୁ

ଖ୍ରୀଷ୍ଟଧର୍ମ ପରିବ୍ୟାପ୍ତ କରିଛି । ଏପରି ସ୍ଥଳେ ସେହି ଆସ୍ଥାର ଅପକାରୀତା ଅଧିକ ବଢି ଯାଇଥାଏ ।

ମୁଁ ଏକଥା କହୁ ନାହିଁ ଯେ ହୟାତେ ମସିହ (ମସିହ ଜୀବିତ ହେବା) ବିଶ୍ୱାସ ପୋଷଣ କରିବାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି କେବଳ ଏହି ଯୁଗର ଲୋକମାନେ । ନା ବରଂ କେତେକ ପୂର୍ବଜମାନେ ଏହି ଭ୍ରମର ଶିକାର ହୋଇଥିଲେ । କିନ୍ତୁ ସେମାନଙ୍କ ଦ୍ୱାରା ଏହି ତ୍ରୁଟି ସାଧିତ ହେବା ସତ୍ତ୍ୱେ ସେମାନେ ପୁଣ୍ୟ ଅର୍ଜନ କରିଥିଲେ । କାରଣ ଉଦ୍ୟମକାରୀଙ୍କ ପ୍ରସଙ୍ଗରେ ଲେଖାଅଛି କଦ୍ ୟୁଖ୍ତଇ ଓ ୟୁସିବ୍ ଅର୍ଥାତ୍ କଦାଚିତ ଉଦ୍ୟମକାରୀ ଭୁଲ୍ ମଧ୍ୟ କରି ବସିଥାଏ ଓ କଦାଚିତ ଠିକ୍ ମଧ୍ୟ କରିଥାଏ କିନ୍ତୁ ଉଭୟ ସ୍ଥଳେ ସେ ପୁଣ୍ୟ ଅର୍ଜନ କରିଥାଏ । ଅସଲ କଥା ହେଉଛି, ପରମେଶ୍ୱର ଇଚ୍ଛା ପ୍ରକାଶ କଲେ ଯେ ତାଙ୍କ ଜ୍ଞାତସାରରୁ ଏହି ପ୍ରସଙ୍ଗ ପ୍ରଚ୍ଛନ୍ନ ରହୁ । ତେଣୁ ସେ ଅଜ୍ଞାତ ରହିଲେ ଏବଂ ଅସ୍‌ହାବେ କହଫ୍‌ଙ୍କ ପରି ଏହି ବାସ୍ତବତା ତାଙ୍କ ନିକଟରେ ଲୁକ୍କାୟିତ ହୋଇ ରହିଲା । ଯେପରିକି ମୋତେ ମଧ୍ୟ ଐଶୀବାଣୀ ହୋଇଥିଲା,

أَمْ حَسِبْتَ أَنَّ أَصْحٰبَ الْكَهْفِ وَالرَّقِيْمِ كَانُوْا مِنْ اٰيٰتِنَا عَجَبًا

ଅମ୍‌ହସିବ୍‌ତା ଅନ୍ନା ଅସ୍‌ହାବୁଲ୍ କହଫେ ଓର୍ ରକିମି କାନୁ ମିନ୍ ଆୟାତିନା ଅଜବା (କହଫ୍ 18:10) ଏହିପରି ମସିହ ଅ.ସଙ୍କ ଜୀବିତ ରହିବା ପ୍ରସଙ୍ଗରେ ମଧ୍ୟ ଏକ ଭିନ୍ନ ରକମର ଭେଦ ଲୁକ୍କାୟିତ ରହିଛି । ଯଦିଚ ପବିତ୍ର କୁରଆନ୍‌ରେ ସ୍ୱଷ୍ଟ ରୂପେ ମସିହଙ୍କ ମୃତ୍ୟୁ ହେବା ପ୍ରମାଣସିଦ୍ଧ ଓ ହଦିସ୍‌ର ଗ୍ରନ୍ଥମାନଙ୍କରେ ମଧ୍ୟ ତାହା ହିଁ ଉଲ୍ଲେଖ ରହିଛି । ହଜରତ ମୁହମ୍ମଦ ସ.ଅଙ୍କ ଦେହାନ୍ତ ସମୟରେ ଯେଉଁ ଆୟତ ଦୃଷ୍ଟାନ୍ତ ସ୍ୱରୂପ ଉପସ୍ଥାପନ କରାଯାଇଥିଲା, ତାହା ମଧ୍ୟ ସେହି (କଥା) ପ୍ରମାଣିତ କରୁଅଛି । କିନ୍ତୁ ଏପରି ତର୍କପୂର୍ଣ୍ଣ ପ୍ରସଙ୍ଗ ସ୍ୱଷ୍ଟ ହେବା ସତ୍ତ୍ୱେ ପରମେଶ୍ୱର ତାହାକୁ ଗୋପନ ରଖିଲେ ଏବଂ ଆଗମନକାରୀ ମସିହ ମଉଦଙ୍କ ସକାଶେ ତାହାକୁ ଲୁକ୍କାୟିତ ରଖିଲେ । ସୁତରାଂ ଯେତେବେଳେ ତାଙ୍କର ଆବିର୍ଭାବ

ହେଲା ସେତେବେଳେ **ସେ ସେହି ଭେଦ ଉନ୍ମୋଚନ** କଲେ ।

ଏହା ଅଲ୍ଲାଃତାଲାଙ୍କ ନିର୍ଦ୍ଧାରିତ ବିଧାନ ଅନ୍ତର୍ଗତ ଥିଲା, ଯେତେବେଳେ ସେ ଇଚ୍ଛା କରନ୍ତି କୌଣସି ପ୍ରସଙ୍ଗକୁ ଲୁକ୍କାୟିତ ରଖନ୍ତି, ଆଉ ଯେତେବେଳେ ଇଚ୍ଛା କରନ୍ତି ସେଥିରୁ ପରଦା ଉଠାଇ ଦେଇଥା'ନ୍ତି । ଏହିପରି ସେ ଏହି ଭେଦକୁ ଧାର୍ଯ୍ୟ ସମୟ ପର୍ଯ୍ୟନ୍ତ ଗୋପନ ରଖିଲେ କିନ୍ତୁ ଯେତେବେଳେ ସେହି ଆଗମନକାରୀ ଆସିଗଲେ ଏବଂ ତାଙ୍କ ହସ୍ତରେ ସେହି ରହସ୍ୟର କୁଞ୍ଜି ଥିଲା, ତେଣୁ ସେ ସେହି ରହସ୍ୟରୁ ପରଦା ଉଠାଇ ଦେଲେ । ବର୍ତ୍ତମାନ ଯଦି କେହି ଏହାକୁ ସ୍ୱୀକାର ନକରେ ତଥା ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ସେ ପରମେଶ୍ୱରଙ୍କ ସହିତ ମୁକାବିଲା କରୁଛି ।

ବସ୍ତୁତଃ ମସିହଙ୍କ ମୃତ୍ୟୁ ହେବା ପ୍ରସଙ୍ଗ ଏବେ ଏପରି ବିଷୟ ପାଲଟିଛି, ଯେଉଁଥିରେ କୌଣସି ପ୍ରକାର ଲୁଚାଛପା ନାହିଁ, ବରଂ ପ୍ରତ୍ୟେକ ଦିଗରୁ ବିଷୟ ପରିଷ୍କାର ହୋଇଯାଇଛି । ପବିତ୍ର କୁରଆନରୁ ଇସା ମସିହଙ୍କ ମୃତ୍ୟୁ ହେବା ପ୍ରମାଣିତ ହୋଇଯାଇଛି ଏବଂ ହଦିସ୍ ଗ୍ରନ୍ଥଗୁଡ଼ିକ ମଧ୍ୟ ଏହି କଥାର ହିଁ ସମର୍ଥନ କରୁଛି । ହଜରତ ମୁହମ୍ମଦ ସ.ଅଙ୍କ ମେରାଜ୍ (ଆଧ୍ୟାତ୍ମିକ) ଯାତ୍ରା କରିବା ଏହି ପ୍ରସଙ୍ଗର ସମର୍ଥନ କରୁଅଛି ଯେପରି ମହାଭାଗ ଏହାର ପ୍ରତ୍ୟକ୍ଷ ସାକ୍ଷ୍ୟ ଦେଇଛନ୍ତି । କାରଣ ଏହି ସ୍ୱର୍ଗୀୟ ଯାତ୍ରାରେ ସେ ହଜରତ ଇସା ଅ.ସଙ୍କୁ ହଜରତ ୟହ୍‌ୟା ଅ.ସଙ୍କ ସାଥିରେ ଥିବାର ଭେଟିଥିଲେ କଥା ପ୍ରକାଶ କରିଥିଲେ ଏବଂ ଆୟତ

قُلْ سُبْحَانَ رَبِّيْ هَلْ كُنْتُ اِلَّا بَشَرًا رَّسُوْلًا

କୁଲ୍ ସୁବ୍‌ହାନା ରବ୍‌ବି ହଲ୍‌କୁନ୍‌ତୁ ଇଲ୍ଲା ବଶରର୍ ରସୁଲା (ବନୀ ଇସ୍ରାଇଲ୍ 17:94) ମସିହଙ୍କୁ ଜୀବିତାବସ୍ଥାରେ ଆକାଶ ପୁରକୁ ଚାଲିଯିବା କଥାକୁ ପ୍ରତ୍ୟାଖ୍ୟାନ କରୁଛି । କାରଣ ଯେତେବେଳେ ଅମାନ୍ୟକାରୀମାନେ ତାଙ୍କୁ ଆକାଶକୁ ଚଢି ଯିବାର ନିଦର୍ଶନ ମାଗିଲେ, ସେତେବେଳେ ମହାଭାଗ

ସେମାନଙ୍କୁ ଉତ୍ତର ଦେଇଥିଲେ- قُلْ سُبْحَانَ رَبِّيْ هَلْ كُنْتُ إِلَّا بَشَرًا رَّسُوْلًا

କୁଲ୍ ସୁବ୍‌ହାନା ରବ୍‌ବି ହଲ୍‌କୁନ୍‌ତୁ ଇଲ୍ଲା ବଶରର୍ ରସୁଲା (ବନୀ ଇସ୍ରାଇଲ୍ 17:94) ଅର୍ଥାତ୍ ମୋର ପାଳନକର୍ତ୍ତା ନିଜର ଏହି ଧାର୍ଯ୍ୟ ବିଧାନଗତ ପ୍ରତିଶ୍ରୁତି ଭଙ୍ଗ କରିବାରୁ ପବିତ୍ର । ଯେତେବେଳେ ସେ ଏହି ବିଧାନ ପ୍ରଣୟନ କରିଦେଇଛନ୍ତି, ଯେ ଯିଏ ଥରେ ଏହି ଧରାପୃଷ୍ଠରେ ଜନ୍ମ ଗ୍ରହଣ କରିବ ସେ ଏହିଠାରେ ହିଁ ମୃତ୍ୟୁର ସ୍ୱାଦ ଆସ୍ୱାଦନ କରିବ ।

فِيْهَا تَحْيَوْنَ وَفِيْهَا تَمُوْتُوْنَ

ଫିହାତହ୍‌ୟୋନା ଓଫିହା ତମୁତୁନା (ଆରାଫ୍ 7:26) ମୁଁ ତ ଜଣେ ମାନବ ଦେହଧାରୀ ରସୁଲ୍ ମାତ୍ର ଅର୍ଥାତ୍ ତୁମମାନଙ୍କ ପରି ମୋ ସହିତ ମଧ୍ୟ ପ୍ରକୃତିର ନିୟମ ଲାଗି ରହିଛି । ଯାହା ଆକାଶକୁ ଚାଲିଯାଇ ନପାରେ । ଅସଲରେ ଏପରି ଦାବି କରିବା ପଛରେ ଅମାନ୍ୟକାରୀଙ୍କ ମୂଳ ଉଦ୍ଦେଶ୍ୟ ଏହା ଥିଲା । ଯେହେତୁ ସେମାନେ ପ୍ରଥମରୁ ଏକଥା ଶୁଣି ନେଇଥିଲେ ଯେ, ମନୁଷ୍ୟ ଏହି ଜଗତରେ ହିଁ ଜୀଇଁବ ଓ ମରିବ ତେଣୁ ସେମାନେ ଏହି ସୁଯୋଗ ପାଇ ଏପରି ପ୍ରଶ୍ନ କରିଦେଲେ । ଯାହାର ଉତ୍ତର ସେମାନଙ୍କୁ ଏପରି ଦିଆଗଲା ଯେ, ସେମାନଙ୍କ ସମସ୍ତ ଚକ୍ରାନ୍ତ ପଣ୍ଡ ହୋଇଗଲା । ସୁତରାଂ ଏହା ଧାର୍ଯ୍ୟ ସିଦ୍ଧ ପ୍ରସଙ୍ଗ ଯେ ମସିହ[ଅ.ସ] ମୃତ୍ୟୁବରଣ କରିସାରିଛନ୍ତି । ହଁ, ଏହା ଏକ ଚମତ୍କାରପୂର୍ଣ୍ଣ ନିଦର୍ଶନ ଯେ ତାଙ୍କୁ ଭ୍ରମ ଘେରରେ ରଖିଲେ ଏବଂ ହୁସିଆର ଲୋକମାନଙ୍କୁ ସଂଜ୍ଞାହୀନ କରିଦେଲେ ।

ଏକଥା ମଧ୍ୟ ମନେରଖ ! ଯେ ଯେଉଁ ଲୋକମାନେ ଏହି ଯୁଗ ଲାଭ କଲେ ନାହିଁ, ସେମାନେ କ୍ଷମାଯୋଗ୍ୟ । ସେମାନଙ୍କ ଉପରେ ଏହା ପ୍ରତିପାଦିତ ହେବ ନାହିଁ । ବର୍ତ୍ତମାନ ସେମାନେ ନିଜ ପ୍ରୟାସ ଫଳରେ ଯାହା କିଛି ବୁଝିବେ, ତାହାର ପ୍ରତିଫଳ ସେମାନେ ନିଜ ପ୍ରଭୁଙ୍କ ନିକଟରୁ ଲାଭ କରିବେ । କିନ୍ତୁ ଏବେ ସମୟ ଗଡ଼ି ଯାଇଛି ।

ସମ୍ପ୍ରତି ଅଲ୍ଲାଃତାଲା ସେହି ଭେଦରୁ ପରଦାକୁ ଉଠାଇ ଦେଇଛନ୍ତି ଏବଂ ସେହି ରହସ୍ୟକୁ ପ୍ରକଟ କରି ଦେଇଛନ୍ତି । ଏହି ପ୍ରସଙ୍ଗର ମନ୍ଦ ଓ ଭୟଙ୍କର ପ୍ରଭାବକୁ ତୁମେ ଦେଖୁଛ ଯେ, ଇସଲାମର ଅଧୋପତନ ହୋଇଚାଲିଛି ଏବଂ ଖ୍ରୀଷ୍ଟିୟାନମାନଙ୍କ ଏହି ଅସ୍ତ୍ର ହେଉଛି ମସିହଙ୍କୁ ଜୀବିତ ରଖିବା । ଯାହା ମାଧ୍ୟମରେ ସେମାନେ ଇସଲାମ ଉପରେ ଆକ୍ରମଣ କରୁଛନ୍ତି ଏବଂ ମୁସଲମାନମାନଙ୍କ ବଂଶଜ ଖ୍ରୀଷ୍ଟିୟାନଙ୍କ ଶିକାର ହୋଇ ଚାଲିଛନ୍ତି । ମୁଁ ସତ କହୁଅଛି ଯେ, ଏହି କୁଟିଳ ନୀତି ଅବଲମ୍ବନ କରି ଅର୍ଥାତ୍ ଲୋକମାନଙ୍କୁ (ଅବାସ୍ତବ କଥା) ଶୁଣାଇ ଶୁଣାଇ ତାଙ୍କୁ ଭ୍ରମିତ କରୁଛନ୍ତି । ଏହି ବିଶେଷତ୍ୱ ଯାହାକୁ ଅଜ୍ଞାନୀ ମୁସଲମାନ ସେମାନଙ୍କ ପାଇଁ ପ୍ରସ୍ତାବିତ କରୁଛନ୍ତି ଏବଂ ସ୍କୁଲ କଲେଜମାନଙ୍କରେ କାର୍ଯ୍ୟକ୍ରମରେ ଉପସ୍ଥାପନ କରି ଇସଲାମ ଠାରୁ ପୃଥକ କରୁଛନ୍ତି । ଏଥି ସକାଶେ ପ୍ରଭୁ ଇଚ୍ଛା କଲେ ଯେ, ଏଣିକି ମୁସଲମାନମାନଙ୍କୁ ସତର୍କ କରି ଦିଆଯାଉ ।

(ଅଲ୍‌ହକମ୍ ଭାଗ ୧୦ ନମ୍ବର-୬ ଦିନାଙ୍କ ୧୭ ଫେବୃଆରୀ ୧୯୦୬ ମସିହା ପୃ-୨,୩)

ସୁତରାଂ ସମୟ ଆସି ଯାଇଛି ଯେ, ମୁସଲମାନମାନେ ସତର୍କ ହୋଇଯାଆନ୍ତୁ ଯେ ଇସଲାମର ଉନ୍ନତି ସକାଶେ ଏହି ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ଜରୁରୀ ଯେ, ଇସା ମସିହଙ୍କ ମୃତ୍ୟୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଉ ଓ ଏହି ଧାରଣାକୁ ସ୍ୱୀକାର କରିବା ନାହିଁ ଯେ **ମସିହ ଜୀବିତ ଆକାଶ ପୁରକୁ ଚାଲି ଯାଇଛନ୍ତି** । କିନ୍ତୁ ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ, ମୋ ବିରୋଧୀମାନେ ନିଜର ଦୁର୍ଭାଗ୍ୟ ବଶତଃ ଏହି ଭେଦକୁ ବୁଝୁ ନାହାନ୍ତି ଏବଂ ଅଯଥାଟାରେ କୋଳାହଳ ଓ ଚିତ୍କାର କରୁଛନ୍ତି । ସମ୍ଭବତଃ ଏହି ନିର୍ବୋଧମାନେ ଏକଥାକୁ ବୁଝି ପାରନ୍ତେ କି ଯଦି ଆମେ ସମସ୍ତେ ମିଳିମିଶି ମସିହଙ୍କ ମୃତ୍ୟୁ ପ୍ରସଙ୍ଗକୁ ଗୁରୁତ୍ୱ ଦେବା ତେବେ ଏହି ଖ୍ରୀଷ୍ଟଧର୍ମ ବାକି ରହିବ ନାହିଁ । **ମୁଁ ଦୃଢତାର ସହିତ କହୁଅଛି ଯେ, ଇସଲାମର ଜୀବନ ମସିହଙ୍କ ମୃତ୍ୟୁ ଉପରେ ପର୍ଯ୍ୟବସିତ ।**

ସ୍ୱୟଂ ଖ୍ରୀଷ୍ଟଧର୍ମୀଙ୍କୁ ପଚାରି ଦେଖିନିଅ ଯେ ଯେତେବେଳେ ଏହା ପ୍ରମାଣିତ ହୋଇଯିବ ଯେ, ମସିହ ଜୀବିତ ନାହାନ୍ତି ବରଂ ମୃତ୍ୟୁବରଣ କରି ସାରିଛନ୍ତି ତେବେ ତୁମ ଧର୍ମର କ'ଣ କରିବାକୁ ବାକି ରହିବ? ସେମାନେ ବି ତ ଏହା ବିଶ୍ୱାସ କରନ୍ତି ଯେ, ଏହି ଗୋଟିଏ ପ୍ରସଙ୍ଗ ହିଁ ସେମାନଙ୍କ ଧର୍ମର ମୂଳୋତ୍ପାଟନ କରୁଅଛି । କିନ୍ତୁ ମୁସଲମାନମାନେ ହିଁ ମସିହଙ୍କୁ ଆକାଶରେ ଜୀବିତ ହେବା ଦର୍ଶାଇ ସେମାନଙ୍କ ସିଦ୍ଧାନ୍ତକୁ ଦୃଢ଼ତା ପ୍ରଦାନ କରୁଛନ୍ତି ଏବଂ ଇସଲାମର କ୍ଷତି କରୁଛନ୍ତି । ଏମାନଙ୍କ ଉଦାହରଣ ଏହିପରି- ଯ୍ୱକେ ବର ସର୍ ଶାଖ ଓ ବୁନ୍ ମେଁ ବରିଦ୍ ।

ଖ୍ରୀଷ୍ଟଧର୍ମୀଙ୍କର ଇସଲାମ ବିରୋଧରେ ଯେଉଁ ପ୍ରମୁଖ ଅସ୍ତ୍ର ଥିଲା, ତାହାକୁ ମୁସଲମାନମାନେ ସ୍ୱହସ୍ତରେ ବହନ କରି ନେଇଛନ୍ତି* ଏବଂ ନିଜ ମୁର୍ଖତା ଓ ସ୍ୱଳ୍ପଜ୍ଞାନ ଯୋଗୁଁ ଚାଳନ କରି ଦେଲେ । ଯାହା ଫଳରେ ଇସଲାମକୁ ଏଭଳି କ୍ଷତି ପହଞ୍ଚିଲା । କିନ୍ତୁ ଖୁସିର କଥା ହେଉଛି ଯେ, ଅଲ୍ଲାଃତାଲା ଯଥାସମୟରେ ସେମାନଙ୍କୁ ସତର୍କ କରିଦେଲେ ଏବଂ ଏଭଳି ଅସ୍ତ୍ର ପ୍ରଦାନ କଲେ ଯାହାକି କ୍ରୁଶକୁ ଭାଙ୍ଗିବା ନିମନ୍ତେ ଅତୁଳନୀୟ ଥିଲା ତଥା ତାହାର ସମର୍ଥନ ଓ ବ୍ୟବହାର ସକାଶେ ସେ ଏହି ସମ୍ପ୍ରଦାୟକୁ ଗଠନ କରିଛନ୍ତି । ଅଲ୍ଲାଃତାଲାଙ୍କ କୃପା ଓ ସହଯୋଗ କ୍ରମେ ଏହି ଅସ୍ତ୍ର ଅର୍ଥାତ **ମସିହଙ୍କ ମୃତ୍ୟୁ ବରଣ କରିବା** କ୍ରୁଶଧର୍ମକୁ ଯେଭଳି ଦୁର୍ବଳ ଓ ଶିଥିଳ କରିଦେଇଛି, ତାହା ଏବେ କାହା ନିକଟରେ ଅଛପା ନୁହେଁ । ଖ୍ରୀଷ୍ଟଧର୍ମ ଓ ସେମାନଙ୍କ ସମର୍ଥକ ବୁଝି ପାରୁଥିବେ ଯେ, ଯଦି କୌଣସି ଗୋଷ୍ଠୀ ଓ ସମ୍ପ୍ରଦାୟ ତାଙ୍କ ଧର୍ମକୁ ନିପାତ କରିପାରେ ତେବେ ତାହା

---

★ ପାଦଟୀକା- ଆଶ୍ଚର୍ଯ୍ୟଜନକ କଥା ଯେ, ଖ୍ରୀଷ୍ଟଧର୍ମୀମାନେ ମୁସଲମାନମାନଙ୍କ ଗଳା କାଟିବା ନିମନ୍ତେ ଏହି ଅସ୍ତ୍ର ବ୍ୟବହାର କରୁଛନ୍ତି ଏବଂ ମୁସଲମାନମାନେ ମଧ୍ୟ ନିଜ ଗଳା କଟେଇବା ପାଇଁ ସେମାନଙ୍କ ସହାୟତା କରିବାକୁ ଛିଡ଼ା ହୋଇ ଯାଇଛନ୍ତି ।

(ବଦର ଭାଗ ୨ ନମ୍ବର-୪ ତା- ୨୬.୧.୧୯୦୬ ପୃ- ୩)

ଏହି (ଅହମଦି) ଜମାଅତ । ତେବେ ଏହି କାରଣରୁ ପ୍ରତ୍ୟେକ ଧାର୍ମିକ ବ୍ୟକ୍ତିର ମୁକାବିଲା କରିବା ପାଇଁ ସେମାନେ ପ୍ରସ୍ତୁତ ହୋଇ ଯାଉଛନ୍ତି । କିନ୍ତୁ ଏହି ଜମାଅତର ମୁକାବିଲା ପାଇଁ ଆସନ୍ତି ନାହିଁ । ବିଶପ୍ (ପାଦ୍ରୀ) ସାହେବଙ୍କୁ ଯେତେବେଳେ ମୁକାବିଲା ପାଇଁ ଆମନ୍ତ୍ରିତ କରାଗଲା ଓ କେତେକ ଇଂରାଜୀ ଖବରକାଗଜରେ ମଧ୍ୟ ତାଙ୍କୁ ଉତ୍ସାହିତ କରାଗଲା, ତଥାପି ସେମାନେ ମଇଦାନକୁ ଆସିଲେ ନାହିଁ । ଏହାର କାରଣ ହେଉଛି, ଆମମାନଙ୍କ ନିକଟରେ ଖ୍ରୀଷ୍ଟଧର୍ମର ମୂଳୋତ୍ପାଟନ ନିମନ୍ତେ ଏପରି ଅସ୍ତ୍ର ରହିଛି, ଯାହା ଅନ୍ୟମାନଙ୍କୁ ପ୍ରଦାନ କରାଯାଇ ନାହିଁ । ସେଥିମଧ୍ୟରୁ ପ୍ରଥମ ଅସ୍ତ୍ର ଏହି **ମସିହଙ୍କ ମୃତ୍ୟୁ (ବରଣ କରିବା)**ର ହତିଆର । ମୃତ୍ୟୁ ଅସଲ ଉଦ୍ଦେଶ୍ୟ ନୁହେଁ, ବରଂ ତାହା ଏଥିପାଇଁ କି ଏହା ଖ୍ରୀଷ୍ଟଧର୍ମୀଙ୍କର ଅସ୍ତ୍ର ଥିଲା, ଯଦ୍ଦ୍ୱାରା ଇସଲାମର କ୍ଷତି ଘଟିଥା'ନ୍ତା । କିନ୍ତୁ ଅଲ୍ଲାଃତାଲା ଇଚ୍ଛା କଲେ ଯେ, ଏହି ଭ୍ରମ ଧାରଣାର ନିବାରଣ ହେଉ । ସୁତରାଂ ଖୁବ୍ ତୀବ୍ରତାର ସହ ଏହି (ଭ୍ରମ) ସଂଶୋଧନ କରାଗଲା ।

ଏତଦ୍ ବ୍ୟତୀତ ସେହି ଦୋଷତ୍ରୁଟି ଓ ପ୍ରଥାକୁ ଦୂର କରିବା ମଧ୍ୟ ଅସଲ ଉଦ୍ଦେଶ୍ୟ ଥିଲା, ଯାହା ଇସଲାମରେ ଉତ୍ପନ୍ନ ହୋଇଯାଇଥିଲା । ଏହା କେବଳ ଅନୁଧ୍ୟାନ କରିବା ଅଭାବର ପରିଣାମ । ଆଉ ଯଦି କୁହାଯାଏ ଯେ, ଏହି ଜମାଅତ ଓ ଅନ୍ୟ ମୁସଲମାନମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯଦି ଉଭୟ ମୁସଲମାନ ଦଳର ବିଶ୍ୱାସ ମତରେ କୌଣସି ଫରକ୍ ନାହିଁ ଓ ଉଭୟେ ହେଉଛନ୍ତି ଏକ । ତେବେ କ'ଣ ଈଶ୍ୱର ଏହି ଜମାଅତକୁ ଅଯଥାରେ ସ୍ଥାପନ କଲେ ? ଏପରି ଚିନ୍ତା କରିବା ହିଁ ହେଉଛି, ଏହି ଜମାଅତର ଭୀଷଣ ତିରସ୍କାର କରିବା ଓ ଅଲ୍ଲାଃଙ୍କ ସମକ୍ଷରେ ଏକ ଦୁଃସାହସିକ ତଥା ଔଦ୍ଧତ୍ୟ ମୂଳକ କାର୍ଯ୍ୟ । ଅଲ୍ଲାଃତାଲା ଏକଥା ବାରମ୍ବାର ପ୍ରକାଶ କରିଛନ୍ତି ଯେ, ସଂସାରରେ ଭୀଷଣ ଅନ୍ଧକାର ବ୍ୟାପୀ ଯାଇଛି । ତାହା କର୍ମଭିତ୍ତିକ ଦୃଷ୍ଟିରୁ ହେଉ କି ବିଶ୍ୱାସଗତ, ଉଭୟ କ୍ଷେତ୍ରରେ ଅନ୍ଧାର (ଶୈତାନ୍) ନିଜର କାୟାବିସ୍ତାର

କରିଚାଲିଛି । ସେହି ଏକେଶ୍ୱରବାଦ, ଯାହାର ପ୍ରତିଷ୍ଠା ନିମନ୍ତେ ଅବତାର ଓ ରସୁଲ ଏହି ଧରାପୃଷ୍ଠକୁ ଆସି ନିରନ୍ତର ପ୍ରୟାସ ଓ ଅକ୍ଳାନ୍ତ ପରିଶ୍ରମ କରିଥିଲେ, ଆଜି ସେଥିରେ କାଳିମା ଲାଗିଯାଇଛି । ଏବଂ ଲୋକମାନେ ଅନେକ ପ୍ରକାରର ଶିରକ୍ (ଅନେକଶ୍ୱରବାଦ)ର ବଶବର୍ତ୍ତୀ ହୋଇ ଯାଇଛନ୍ତି । ହଜରତ ମୁହମ୍ମଦ[ସ.ଅ] କହିଥିଲେ; ସଂସାରକୁ ପ୍ରେମ କର ନାହିଁ, କିନ୍ତୁ ଆଜି ସଭିଙ୍କ ହୃଦୟରେ ସଂସାର ପ୍ରତି ଆସକ୍ତି ବସା ବାନ୍ଧି ସାରିଛି ଏବଂ ଯାହାକୁ ଦେଖ ସେ ଏହି ପ୍ରେମରେ ବୁଡ଼ି ରହିଛି । ଧର୍ମ ପାଇଁ କୁଟାଖିଅଟିଏ ହଟାଇବାକୁ କହିଲେ ଚିନ୍ତାରେ ପଡ଼ି ଯାଉଛି ତଥା ହଜାରେ ଆଳ ଓ ବାହାନା କରିବାକୁ ଲାଗୁଛି । ସମସ୍ତ ପ୍ରକାରର ଦୁଷ୍କର୍ମ ଓ ଅନୈତିକ କାର୍ଯ୍ୟକୁ ବୈଧ ମନେ କରାଯାଉଛି, ସମସ୍ତ ପ୍ରକାରର ନିଷିଦ୍ଧ କାର୍ଯ୍ୟକୁ ସେ ଖୋଲାଖୋଲି ଭାବେ ଜୋର ଦେବାରେ ଲାଗିଛି । ଧର୍ମ ସମ୍ପୂର୍ଣ୍ଣ ରୂପେ ଅସହାୟ ଓ ଅନାଥ ହୋଇ ପଡିଛି । ଏପରି ଉତ୍କଟ ପରିସ୍ଥିତିରେ ଯଦି ଇସଲାମର ସାହାଯ୍ୟ ଓ ସମର୍ଥନ କରାଯାଇ ନଥା'ନ୍ତା ତେବେ ଇସଲାମ ଉପରେ ଆଉ କିପରି ଦୁର୍ଦ୍ଦଶା ଆସିଥିଲେ, ସେତେବେଳେ ତାକୁ ସହାୟତାର ଆବଶ୍ୟକତା ପଡିଥା'ନ୍ତା । ଇସଲାମ ତ ନାମକୁ ମାତ୍ର ବାକି ରହିଯାଇଛି । ଏବେ ବି ଯଦି ଏହାକୁ ସୁରକ୍ଷା ପ୍ରଦାନ କରାଯାଇ ନଥା'ନ୍ତା, ତା'ହେଲେ ଏହା ଧ୍ୱଂସ ହେବାରେ କ'ଣ ସନ୍ଦେହ କରାଯାଇ ପାରିଥା'ନ୍ତା । ମୁଁ ସତ କହୁଛି, ଏହା କେବଳ ଏକାଗ୍ରତାର ଅଭାବ ଦେଖାଯିବାର ପରିଣାମ ଯେପରି କୁହାଯାଉଛି ଯେ, ଅନ୍ୟ ମୁସଲମାନମାନଙ୍କ ମଧ୍ୟରେ କି ପ୍ରଭେଦ ରହିଛି ? ଯଦି କେବଳ ଗୋଟିଏ ପ୍ରସଙ୍ଗ ହୋଇଥା'ନ୍ତା ତେବେ ଏଭଳି ପରିଶ୍ରମର ବୋଝ ଉଠାଇବାର ଆବଶ୍ୟକତା ନଥିଲା । ଏକ ଜମାଅତ ଗଠନ କରିବାର ଆବଶ୍ୟକତା ବା କ'ଣ ଥିଲା? ମୁଁ ଜାଣେ ଅଲ୍ଲାଃତାଲା ଏକଥା ବାରମ୍ବାର ପ୍ରକାଶ କରିଛନ୍ତି ଯେ, ସଂସାରରେ ଏଭଳି ଘନ ଅନ୍ଧକାର ବ୍ୟାପୀ ଯାଇଛି ଯେ କିଛି ହେଲେ ଦେଖାଯାଉ ନାହିଁ । ସେହି

ଏକେଶ୍ୱରବାଦ, ଯାହାକୁ ନେଇ ଆମେ ଗର୍ବ ଅନୁଭବ କରୁଥିଲୁ ଏବଂ ଇସଲାମ ନିଜର ବଡ଼ିମା ଗାନ କରୁଥିଲା, ତାହା କେବଳ କଥାରେ ସୀମିତ ରହିଯାଇଛି । ନଚେତ୍ ବ୍ୟାବହାରିକ କାର୍ଯ୍ୟ ଓ ବିଶ୍ୱାସଗତ କ୍ଷେତ୍ରରେ ଖୁବ୍ କମ୍ ବ୍ୟକ୍ତି ଥିବେ, ଯେଉଁମାନେ ଏକେଶ୍ୱରବାଦୀ ହୋଇ ରହିଛନ୍ତି । ହଜରତ ମୁହମ୍ମଦ[ସ.ଅ] କହିଥିଲେ; ସଂସାରକୁ ପ୍ରେମ କର ନାହିଁ କିନ୍ତୁ ବର୍ତ୍ତମାନ ପ୍ରତ୍ୟେକ ହୃଦୟ ସେହି (ରଙ୍ଗମଞ୍ଚ)ରେ ନିମର୍ଜ୍ଜିତ ରହିଛି । ଧର୍ମ ଏକ ଅସହାୟ ଓ ଅନାଥ ସଦୃଶ ପାଲଟି ଯାଇଛି । ହଜରତ ମୁହମ୍ମଦ[ସ.ଅ] ସ୍ପଷ୍ଟ ରୂପେ ଦର୍ଶାଇ ଦେଇଥିଲେ; ହୁବ୍‌ବୁଦ୍ ଦୁନ୍‌ୟା ରାଶି କୁଲ୍ଲା ଖତିଅତିନ୍ । ଏହା କିପରି ପବିତ୍ର ଓ ସତ୍ୟ ବାଣୀ । କିନ୍ତୁ ଆଜି ଦେଖିନିଅ ଯେ, ପ୍ରତ୍ୟେକ ବ୍ୟକ୍ତି ଏହି ଭ୍ରମରେ ପଡ଼ି ରହିଛି । ଆମ ବିରୋଧୀ ଆର୍ଯ୍ୟସମାଜୀ ଓ ଖ୍ରୀଷ୍ଟଧର୍ମୀମାନେ ନିଜ ଧର୍ମର ବାସ୍ତବତାକୁ ଖୁବ୍ ଭଲ ଭାବରେ ବୁଝି ନେଇଛନ୍ତି । କିନ୍ତୁ ବର୍ତ୍ତମାନ ତାହା ନିର୍ବାହ କରିବାକୁ ଚାହୁଁଛନ୍ତି । ଖ୍ରୀଷ୍ଟଧର୍ମୀମାନେ ଭଲ ଭାବରେ ଜାଣନ୍ତି ଯେ, ତାଙ୍କ ଧାର୍ମିକ ନୀତିଶିକ୍ଷାର ମୂଳଭିତ୍ତି ଓ ଶାଖା ଉଭୟ ଶୁଦ୍ଧ (ନ୍ୟାୟସଙ୍ଗତ) ନୁହେଁ । ଜଣେ ଦୁର୍ବଳ ମନୁଷ୍ୟକୁ ଈଶ୍ୱର ରୂପେ ଗ୍ରହଣ କରିନେବା ଠିକ୍ ନୁହେଁ । ସମ୍ପ୍ରତି ଦର୍ଶନ, ପ୍ରକୃତି ଓ ବିଜ୍ଞାନ ଉନ୍ନତି କରିଚାଲିଛି । ଲୋକମାନେ ଖୁବ୍ ଭଲ ଭାବରେ ବୁଝି ସାରିଲେଣି ଯେ, ମସିହ ଜଣେ ଦୁର୍ବଳ ଓ ଅସହାୟ ମଣିଷ ବ୍ୟତୀତ କୌଣସି ମାଲିକାନା କ୍ଷମତାର ଅଧିକାରୀ ନଥିଲେ । ଏହା ଅସମ୍ଭବ ଯେ ଏସବୁ ତଥ୍ୟ ଅଧ୍ୟୟନ କରିବା ପରେ ଜଣେ ଅଭିଜ୍ଞ ଓ ବୁଦ୍ଧିଜ୍ଞାନ ସମ୍ପନ୍ନ ବ୍ୟକ୍ତି ମସିହଙ୍କୁ ଈଶ୍ୱର ବୋଲି ବିଶ୍ୱାସ କରିବ ? କଦାପି ନୁହେଁ ।

ଶିରକ୍ (ଅନ୍ୟକୁ ଈଶ୍ୱରଙ୍କ ସମକକ୍ଷ) କରିବା ମହିଳା ଠାରୁ ଆରମ୍ଭ ହୋଇଛି ଏବଂ ମହିଳା ଦ୍ୱାରା ହିଁ ତାହାର ଭିତ୍ତି ସ୍ଥାପିତ ହୋଇଛି । ଅର୍ଥାତ୍ ହୱାଙ୍କ ଦ୍ୱାରା ଯେ, ଅଲ୍ଲାଃତାଲାଙ୍କ ଆଦେଶର ଉପେକ୍ଷା କରି ଶୈତାନ୍‌ର ଆଦେଶ ପାଳନ କରିଥିଲେ । ଏହି ବିରାଟ ଶିରକ୍ ଅର୍ଥାତ୍

ଖ୍ରୀଷ୍ଟଧର୍ମର ସମର୍ଥନକାରୀ ମଧ୍ୟ ମହିଳାମାନେ ହିଁ ଅଟନ୍ତି । ବାସ୍ତବପକ୍ଷେ ଖ୍ରୀଷ୍ଟଧର୍ମ ଏକ ଏପରି ଧର୍ମ ଯାହାକୁ ମନୁଷ୍ୟର ସ୍ୱଭାବ ଦୂରରୁ ହିଁ ପ୍ରତ୍ୟାଖ୍ୟାନ କରିଥାଏ ଓ କଦାପି ତାହାକୁ ସ୍ୱୀକାର ହିଁ କରିପାରେ ନାହିଁ । ଯଦି ମଧ୍ୟଭାଗରେ ସାଂସାରିକତା ନଥା'ନ୍ତା ତେବେ ଅଧିକାଂଶ ଖ୍ରୀଷ୍ଟଧର୍ମାବଲମ୍ବୀ ମୁସଲମାନ ହୋଇ ଯାଇଥା'ନ୍ତେ । କେତେକ ଖ୍ରୀଷ୍ଟଧର୍ମୀ ତ ପ୍ରଚ୍ଛନ୍ନ ରୂପେ ମୁସଲମାନ ଥିଲେ ଏବଂ ସେମାନେ ନିଜର ମୁସଲମାନ ହେବା କଥାକୁ ଗୋପନ ରଖିଥିଲେ । କିନ୍ତୁ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ସେମାନେ ଓ୍ୱସିୟତ୍ କରି ନିଜ ମୁସଲମାନ ହେବା ପ୍ରକାଶ କରିଥିଲେ । ଏପରି ଲୋକମାନଙ୍କ ମଧ୍ୟରେ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ଥିଲେ । ସେମାନେ ସଂସାରକୁ ପ୍ରେମ କରିବା ଯୋଗୁଁ ନିଜ ବିଶ୍ୱାସକୁ ଗୋପନ ରଖିଥିଲେ କିନ୍ତୁ ଶେଷରେ ସେମାନଙ୍କୁ ତାହା ପ୍ରକାଶ କରିବାକୁ ପଡ଼ିଥିଲା । ମୁଁ ଦେଖୁଅଛି ସେହି ହୃଦୟମାନଙ୍କରେ ଇସଲାମ ନିଜ ପଥ ବାଛି ନେଇଛି ଏବଂ ବର୍ତ୍ତମାନ ତାହା ଉନ୍ନତି କରି ଚାଲିଛି । ଯେବେକି ସଂସାରର ଆସକ୍ତି (ଭାବ) ଲୋକମାନଙ୍କୁ ଅନ୍ଧାର ଘେରରେ ରଖିଛି ।

ବସ୍ତୁତଃ ମୁସଲମାନମାନଙ୍କ ମଧ୍ୟରେ ଉତ୍ପନ୍ନ ହୋଇଥିବା ଆଭ୍ୟନ୍ତରୀଣ ମତଭେଦର (ମୂଖ୍ୟ) କାରଣ ମଧ୍ୟ ଏହି ସାଂସାରିକ ପ୍ରେମ । କାରଣ ଯଦି କେବଳ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବାକୁ ପ୍ରାଥମିକତା ଦିଆଯାଇଥା'ନ୍ତା ତେବେ ଅତି ସହଜରେ ବୁଝା ପଡ଼ିଥାନ୍ତା ଯେ, ଅମୁକ ଦଳର ନୀତିନିୟମ ସୁସ୍ପଷ୍ଟ ଏବଂ ସେମାନେ ତାଙ୍କୁ ସ୍ୱୀକାର କରି ଏକ ହୋଇ ଯାଇଥାନ୍ତେ । ଏବେ ଯେହେତୁ ସଂସାରର ମୋହ ଯୋଗୁଁ ଏସବୁ ସମସ୍ୟା ଉପୁଜୁଛି, ତେବେ ଏପରି ଲୋକମାନଙ୍କୁ କିପରି ମୁସଲମାନ କୁହାଯିବ । କାରଣ ଏମାନଙ୍କ କାର୍ଯ୍ୟକଳାପ ତ ହଜରତ ମୁହମ୍ମଦ ସ.ଅଙ୍କ ଶିକ୍ଷାନୁଯାୟୀ ନୁହେଁ । ଅଲ୍ଲାଃତାଲା କୁହନ୍ତି;

قُلْ إِنْ كُنْتُمْ تُحِبُّونَ اللّٰهَ فَاتَّبِعُونِي يُحْبِبْكُمُ اللّٰهُ

କୁଲ୍‌ଇନ୍ କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବୀଉନୀ ୟୁହ୍‌ବିବ୍ କୁମୁଲ୍ଲାଃ (ଆଲେ ଇମ୍ରାନ୍ 3:32)ଅର୍ଥାତ୍ କୁହ! ଯଦି ତୁମେ ଅଲ୍ଲାଃଙ୍କୁ ପ୍ରେମ କରୁଛ, ତେବେ ମୋର ଅନୁସରଣ କର । ଫଳତଃ ଅଲ୍ଲାଃତାଲା ତୁମକୁ ନିଜ ପ୍ରିୟଜନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିବେ । ଏବେ ଏହି ଅଲ୍ଲାଃଙ୍କୁ ପ୍ରେମ କରିବା ଓ ହଜରତ ମୁହମ୍ମଦ ସ.ଅଙ୍କୁ ଅନୁସରଣ କରିବା ପରିବର୍ତ୍ତେ ସାଂସାରିକ ମୋହମାୟାକୁ ପ୍ରାଥମିକତା ଦିଆଗଲା । କ'ଣ ଏହାକୁ ହଜରତ ମୁହମ୍ମଦ ସ.ଅଙ୍କ ଅନୁସରଣ (କରିବା) କୁହାଯିବ ? କ'ଣ ହଜରତ ମୁହମ୍ମଦସ.ଅ ବସ୍ତୁବାଦୀ ଥିଲେ ? କ'ଣ ମହାଭାଗ (କଦାଚିତ) ସୁଧ ଗ୍ରହଣ କରିଥିଲେ ? ଅଥବା ନିଜ କର୍ତ୍ତବ୍ୟ ଓ ଐଶୀ ନିର୍ଦ୍ଦେଶାବଳୀ ପାଳନ କରିବାରେ ଅବହେଳା ପ୍ରଦର୍ଶନ କରୁଥିଲେ ? ମାଜଲ୍ଲାଃ (ଅଲ୍ଲାଃ କ୍ଷମା କରନ୍ତୁ) କ'ଣ ତାଙ୍କ ସ୍ୱଭାବରେ କପଟତା ଓ ଖୋସାମତ କରିବା ଗୁଣ ଥିଲା ? ଅଥବା ସେ ସଂସାରକୁ ଧର୍ମ ଉପରେ ପ୍ରାଧାନ୍ୟ ଦେଉଥିଲେ ? ଏସବୁ କଥା ଚିନ୍ତା କରି ଦେଖ ।

ଅନୁକରଣୀୟ ହେଉଛି ଏହା ଯେ, ହଜରତ ମୁହମ୍ମଦ ସ.ଅଙ୍କ ଆଦର୍ଶରେ ପରିଚାଳିତ ହେବା । ପୁନଶ୍ଚ ଦେଖ, ପରମେଶ୍ୱର କେଉଁ ଭଳି କୃପାବତୀର୍ଣ୍ଣ କରୁଛନ୍ତି । ସାହାବାମାନେ ସେହି ଆଚରଣ ଅବଲମ୍ବନ କରିଥିଲେ । ଏହାର ପରିଣାମ ସ୍ୱରୂପ ଅଲ୍ଲାଃତାଲା ତାଙ୍କୁ କେଉଁ ସ୍ଥାନରୁ ନେଇ କେଉଁଠାରେ ପହଞ୍ଚାଇ ଦେଲେ । ସେମାନେ ସଂସାରକୁ ଗୋଇଠା ମାରିଦେଲେ ଏବଂ ସଂସାର ପ୍ରେମରୁ ପୃଥକ ହୋଇଗଲେ । ନିଜ ସ୍ୱାର୍ଥ ଓ ଅଭିଳାଷାକୁ ଜଳାଞ୍ଜଳି ଦେଲେ, ବର୍ତ୍ତମାନ ତୁମେ ନିଜ ଅବସ୍ଥାକୁ ସେମାନଙ୍କ ସହିତ ତୁଳନା କରି ଦେଖିନିଅ । କ'ଣ ତୁମେ ସେମାନଙ୍କ ପଦାଙ୍କ ଅନୁସରଣ କରୁଛ ? ଦୁଃଖର ବିଷୟ, ବର୍ତ୍ତମାନ ଲୋକମାନେ ବୁଝିପାରୁ ନାହାନ୍ତି, ଯେ ଅଲ୍ଲାଃତାଲା ତାଙ୍କ ଠାରୁ କ'ଣ ଚାହୁଁଛନ୍ତି ? ରାସା କୁଲ୍ଲୁ ଖତିଅତିନ୍ (ଅର୍ଥାତ୍ ପ୍ରତ୍ୟେକ ପାପର ମୂଳ) ଅନେକ ସନ୍ତାନ ଜନ୍ମ କରିଦେଇଛି । ସମ୍ପ୍ରତି କେହି ଜଣେ ନ୍ୟାୟାଳୟକୁ ଯାଇ ମାତ୍ର

ଦୁଇଅଣା ନେଇ ମିଥ୍ୟା ସାକ୍ଷ୍ୟ ଦେବାରେ ମଧ୍ୟ ଲଜ୍ୟା ଅନୁଭବ କରୁ ନାହିଁ । କ'ଣ ଓକିଲ ଶପଥ କରି ଏକଥା କହି ପାରିବେ ଯେ, ସେମାନେ ସମସ୍ତ ସତ୍ୟ ସାକ୍ଷ୍ୟ ଉପସ୍ଥାପନ କରୁଛନ୍ତି ? ଆଜି ଯେଉଁ ପାର୍ଶ୍ୱରୁ ଦେଖିଲେ ମଧ୍ୟ ତୁମେ ସଂସାରକୁ ଅତି ଶୋଚନୀୟ ଅବସ୍ଥାରେ ପାଇବ । ମିଥ୍ୟା ସାକ୍ଷ୍ୟ ପ୍ରସ୍ତୁତ କରାଯାଉଛି । ମିଥ୍ୟା ମକଦମା କରିବା ତ କୌଣସି ବଡ଼ କଥା ନୁହେଁ, ବରଂ ମିଛ ପ୍ରମାଣପତ୍ର ପ୍ରସ୍ତୁତ କରଯାଉଛି । କୌଣସି ପ୍ରସଙ୍ଗ ଚର୍ଚ୍ଚା କରିବା ପୂର୍ବରୁ ସତ୍ୟକୁ ବିରତ ରଖି ସାକ୍ଷ୍ୟ ଦିଆଯାଉଛି । ବର୍ତ୍ତମାନ କେହି ସେହି ଲୋକମାନଙ୍କୁ ଯେଉଁମାନେ ଏହି ସମ୍ପ୍ରଦାୟର ଆବଶ୍ୟକତା ବୁଝନ୍ତି ନାହିଁ, ପଚାରନ୍ତୁ ଯେ କ'ଣ ଏହା ସେହି ଧର୍ମ, ଯାହାକୁ ହଜରତ ମୁହମ୍ମଦ[ସ.ଅ] ନେଇ ଆସିଥିଲେ ? ଅଲ୍ଲାଃତାଲା ତ ମିଥ୍ୟାକୁ ମଇଳା ଆବର୍ଜନା ବୋଲି ଦର୍ଶାଇଛନ୍ତି, ଏଥିରୁ ନିବୃତ୍ତ ରୁହ ।

فَاجْتَنِبُوا الرِّجْسَ مِنَ الْأَوْثَانِ وَاجْتَنِبُوا قَوْلَ الزُّوْرِ

ଇଜ୍‌ତନିବୁର୍ ରିଜ୍‌ସା ମିନଲ୍ ଅଓ୍‌ସାନୀ ଓଜ୍‌ତନୀବୁ କୌଲଜ୍ ଜୁର୍ (ଅଲ୍‌ହଜ୍ 22:31) ଏଠାରେ ପ୍ରତିମା ପୂଜା ସହିତ ସେହି ମିଥ୍ୟାକୁ ମିଶାଇଛନ୍ତି । ଯେପରି ମୂର୍ଖ ଲୋକ ଅଲ୍ଲାଃତାଲାଙ୍କୁ ଛାଡ଼ି ପାଷାଣ ସମ୍ମୁଖରେ ନତ ମସ୍ତକ ହୋଇଥାଏ । ସେହିପରି ସତ୍ୟ ଓ ସତ୍‌ପଥକୁ ପରିତ୍ୟାଗ କରି ନିଜ ସ୍ୱାର୍ଥ ହାସଲ କରିବା ପାଇଁ ମିଥ୍ୟାକୁ ପ୍ରତିମା କରି ଗଢ଼ି ଥାଏ । ଏହି କାରଣରୁ ଅଲ୍ଲାଃତାଲା ତାହାକୁ ପ୍ରତିମା ପୂଜା ସହିତ ଯୋଡ଼ିଛନ୍ତି ଏବଂ ତାହା ସହିତ ସାମଞ୍ଜସ୍ୟ ସ୍ଥାପନ କରିଛନ୍ତି । ଯେପରିକି ଜଣେ ପ୍ରତିମା ପୂଜକ ପ୍ରତିମା ମାଧ୍ୟମରେ ମୁକ୍ତି ଚାହିଁଥାଏ । ମିଥ୍ୟାବାଦୀ ମଧ୍ୟ ନିଜ ଆଡୁ ପ୍ରତିମା ଗଢ଼ିଥାଏ ଓ ଏହା ମଣିଥାଏ ଯେ ସେହି ପ୍ରତିମା ମାଧ୍ୟମରେ ତାକୁ ମୁକ୍ତି ମିଳିଯିବ । କିପରି ଦୁର୍ଭାଗ୍ୟଜନକ ବେଳା ପଡ଼ିଛି ଯେ, ଯଦି କୁହାଯାଏ କାହିଁକି ପ୍ରତିମାକୁ ପୂଜା କରୁଛ । ଏହି କଳୁଷତାକୁ ବର୍ଜନ କର, ତେବେ (ସେମାନେ) କହୁଛନ୍ତି; କାହିଁକି ପରିତ୍ୟାଗ କରିବୁ ? ତାହା ବ୍ୟତୀତ ତ ବଞ୍ଚିବାର କୌଣସି ସାଧନ ନାହିଁ ।

ତେବେ ଏହା ଠାରୁ ବଳି ହତଭାଗ୍ୟ ଆଉ କ'ଣ ବା ହୋଇପାରେ ଯେ, ମିଥ୍ୟାକୁ ନିଜ ଜୀବନର ସମ୍ବଳ ବୋଲି ଭାବୁଛନ୍ତି । କିନ୍ତୁ ମୁଁ ତୁମକୁ ଆଶ୍ୱାସନା ଦେଉଛି ଯେ, ଶେଷରେ ସତ୍ୟ ହିଁ କୃତକାର୍ଯ୍ୟ ହୋଇଥାଏ । କଲ୍ୟାଣ ଓ ବିଜୟ ତାହାର ହିଁ ହେବ ।

ମୋର ମନେଅଛି ଯେ, ଏକଦା ମୁଁ ଏକ ପ୍ରବନ୍ଧ ପ୍ରକାଶ କରିବା ପାଇଁ ଅମୃତସର ପଠାଇ ଥିଲି । ସେଥି ସହିତ ଏକ ପତ୍ର ମଧ୍ୟ ସଂଲଗ୍ନ କରିଥିଲି । ଯାହାକି ରିଲୟା ରାମ୍‌ର ଓକିଲ ହିନ୍ଦ୍ ଖବରକାଗଜ ପ୍ରସଙ୍ଗରେ ଥିଲା । ମୋର ଏହି ପତ୍ରକୁ ଡ଼ାକ ବିଭାଗର ନିୟମ ବିରୋଧ ଦର୍ଶାଇ (ମୋ ବିରୁଦ୍ଧରେ) ମକଦମା କରାଗଲା । ମୋତେ ଓକିଲମାନେ ମଧ୍ୟ ପରାମର୍ଶ ଦେଲେ ଯେ, ଏଥିରୁ ମୁକୁଳିବାର ଏତଦ୍ ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ, ଯେ ଆପଣ ସାକ୍ଷ୍ୟ ଦେବେ କି "ସେହି ପତ୍ରଟି ମୋର ନୁହେଁ ।" ଯେପରିକି ମିଥ୍ୟା କହିବା ବିନା ତ୍ରାହି ମିଳିବ ନାହିଁ । କିନ୍ତୁ ମୁଁ ତାହାକୁ ଆଦୌ ପସନ୍ଦ କଲି ନାହିଁ ବରଂ କହିଲି ଯଦି ସତ କହିଲେ ଦଣ୍ଡ ଭୋଗ କରିବାକୁ ପଡ଼ିବ ତେବେ ସେହିପରି ହେଉ ପଛକେ, (ମୁଁ କଦାପି) ମିଛ କହିବି ନାହିଁ । ଶେଷରେ ସେହି ମକଦମା ନ୍ୟାୟାଳୟରେ ଆଗତ ହେଲା । ଡ଼ାକଘର ଅଫିସର୍ ଜଣେ ଅଭିଯୋଗକାରୀ ରୂପେ ହାଜର ହେଲେ । ମୋତେ ଯେତେବେଳେ ସେଥି ସଂକ୍ରାନ୍ତରେ ପଚରାଗଲା, ମୁଁ ସଫା ସଫା କହିଦେଲି ଯେ ଏହା ମୋର ହିଁ ଲିଖିତ ପତ୍ର । କିନ୍ତୁ ତାହାକୁ ମୁଁ ନିଜ ବିଷୟବସ୍ତୁର ଏକ ଅଂଶ ବିଶେଷ ରୂପେ ଚିନ୍ତା କରି ରଖିଥିଲି । ମାଜିଷ୍ଟ୍ରେଟ୍ ମୋ କଥା ବୁଝିଗଲେ ଏବଂ ଅଲ୍ଲାଃତାଲା ତାହାଙ୍କୁ ବୁଝିବାର ସାମର୍ଥ୍ୟ ପ୍ରଦାନ କଲେ । ଡ଼ାକଘର ଅଫିସର୍ ଶତ ଚେଷ୍ଟା କରିବା ସତ୍ତ୍ୱେ ମାଜିଷ୍ଟ୍ରେଟ୍ ତା' କଥା ପ୍ରତି କର୍ଣ୍ଣପାତ କଲେ ନାହିଁ ଓ

★ ବଦର୍ ପତ୍ରିକାରେ ଏହି ପ୍ରସଙ୍ଗ ଅଧିକ ସ୍ପଷ୍ଟ ରୂପେ ଏହିପରି ଉଲ୍ଲେଖ ରହିଛି: ଆନୁମାନିକ ୨୭ କି ୨୮ବର୍ଷ ବିତି ଯାଇଥିବ ଅଥବା ସମ୍ଭବତଃ ସେଥିରୁ କିଛି ଅଧିକ ହୋଇଥିବ, ଏହି ବିନୀତ ଇସଲାମର ସମର୍ଥନରେ ଆର୍ଯ୍ୟ ସମାଜୀଙ୍କ →

ମୋତେ ଛାଡ଼ି ଦେଲେ ।* ମୁଁ କାହିଁକି ବା କହିବି ଯେ, ମିଛ କହିବା ବ୍ୟତୀତ ବଞ୍ଚିବା ସମ୍ଭବ ନୁହେଁ । ଏପରି କହିବା ସମ୍ପୂର୍ଣ୍ଣ ରୂପେ ଅସଭ୍ୟ ଓ ଅଶିଷ୍ଟତା ହେବ । ସତ୍ୟ ଏହିକି ଯେ, ସତ କହିବା ଛଡ଼ା ବଞ୍ଚିବା ସମ୍ଭବ ନୁହେଁ । ମୁଁ ଏପର୍ଯ୍ୟନ୍ତ ସୁଦ୍ଧା ଯେତେବେଳେ ମଧ୍ୟ ସେହି ଘଟଣାକୁ ମନେ

ମୁକାବିଲାରେ ଜଣେ ଖ୍ରୀଷ୍ଟଧର୍ମୀ ଯାହାଙ୍କ ନାମ ରିଲୟା ରାମ ଯେକି ଜଣେ ଓକିଲ ମଧ୍ୟ ଥିଲା ଏବଂ ସେ ଅମୃତସରର ବାସିନ୍ଦା ଥିଲା । ତାହାର ଗୋଟିଏ ଖବରକାଗଜ ମଧ୍ୟ ପ୍ରକାଶିତ ହେଉଥିଲା । ତାଙ୍କ ଛାପାଖାନାରେ ଏକ ପ୍ରବନ୍ଧ ପ୍ରକାଶିତ କରିବା ସକାଶେ ଏକ ପ୍ୟାକେଟ ଯାହାର ଉଭୟ ପାର୍ଶ୍ୱ ଖୋଲା ଥିଲା, ତାଙ୍କ ପାଖକୁ ପ୍ରେରଣ କଲି ଏବଂ ସେହି ପ୍ୟାକେଟରେ ଏକ ପତ୍ର ମଧ୍ୟ ରଖି ଦେଇଥିଲି । ଯେହେତୁ ପତ୍ରରେ ଏପରି ଶବ୍ଦ ଲେଖା ଥିଲା ଯାହାକି ଇସଲାମର ସମର୍ଥନ ଓ ଅନ୍ୟ ଧର୍ମଗୁଡ଼ିକର ବାତିଲ୍ ହେବା ପ୍ରତି ଇଙ୍ଗିତ କରୁଥିଲା ଓ ପ୍ରବନ୍ଧଟି ପ୍ରକାଶ କରିବା ପାଇଁ ତାଗିଦ୍ କରାଯାଇଥିଲା । ତେଣୁ ସେ ଖ୍ରୀଷ୍ଟଧର୍ମ ବିରୋଧୀ ହେବା ଯୋଗୁଁ କ୍ରୋଧିତ ହୋଇ ଉଠିଲା ଏବଂ ଭାଗ୍ୟବଶତଃ ତାହାକୁ ଆକ୍ରମଣ କରିବାର ଏକ ସୁବର୍ଣ୍ଣ ସୁଯୋଗ ମିଳିଗଲା ଯେ, କୌଣସି ପତ୍ର ଭିନ୍ନ ପ୍ୟାକେଟ୍‌କୁ ପାର୍ସଲ୍‌ରେ ରଖିବା ନିୟମ ବିରୁଦ୍ଧ କାର୍ଯ୍ୟ ଅର୍ଥାତ୍ ଅପରାଧ ଥିଲା । ଏହି ନିୟମ ସମ୍ବନ୍ଧରେ ଏହି ବିନୀତକୁ ଆଦୌ ଜଣା ନଥିଲା ଏବଂ ନିୟମାନୁଯାୟୀ ଏପରି ଅପରାଧ ପାଇଁ ୫୦୦ଟଙ୍କା ଜୋରିମନା ଅଥବା ଛ'ମାସ କାରାବରଣ ଭୋଗ କରିବା ଧାର୍ଯ୍ୟ ଥିଲା । ଅତଏବ ସେ ଗୁପ୍ତଚର ହୋଇ ଡ଼ାକ ଅଫିସରଙ୍କ ଦ୍ୱାରା ଏହି ବିନୀତ ବିରୁଦ୍ଧରେ ମକଦମା ଦାଏର କଲା ଏବଂ ମୋତେ ସେଥି ସମ୍ବନ୍ଧରେ କିଛି ଖବର ମିଳିବା ପୂର୍ବରୁ ପରାକ୍ରମୀ ଈଶ୍ୱର ସ୍ୱପ୍ନରେ ମୋ ଉପରେ ପ୍ରକାଶ କରିଦେଲେ ଯେ, ଓକିଲ ରିଲୟା ରାମ ଏକ ବିଷଧର ସର୍ପ ମୋତେ ଦଂଶନ କରିବା ପାଇଁ ଛାଡ଼ିଛି, କିନ୍ତୁ ମୁଁ ତାହାକୁ ମାଛ ପରି ଛାଣି ତାହା ନିକଟକୁ ଫେରସ୍ତ କରିଦେଲି । ମୁଁ ଏହି ଗୂଢ଼ ଭେଦ ପ୍ରତି ଅବଗତ ଥିଲି ଯାହା ଏଥିପ୍ରତି ଇଙ୍ଗିତ କରୁଥିଲା ଯେ, ସେହି ମକଦମାର ନିଷ୍ପତ୍ତି ଯେଉଳି ଅଦାଲତରେ ବାହାରିଲା, ତାହା ଏକ ଏପରି ନିଦର୍ଶନ ଯାହାକି ଓକିଲମାନେ (ସଦ୍‌ବୁଦ୍ଧି ପାଇବା) ସକାଶେ କାମରେ ଆସିପାରିବ ।

ବସ୍ତୁତଃ ମୋତେ ଏହି ଅପରାଧରେ ସଦର ଜିଲା ଗୁରଦାସପୁର ତରଫରୁ ତଲବ କରାଗଲା ଏବଂ ଯେଉଁ ଯେଉଁ ଓକିଲମାନଙ୍କ ଠାରୁ ଏହି ମକଦମା ସଂକ୍ରାନ୍ତରେ

**ପକାଉଛି ସେତେବେଳେ ମୋତେ ଏକ ଆତ୍ମସନ୍ତୋଷ ଲାଭ ହେଉଛି ଯେ, ମୁଁ ଈଶ୍ୱରଙ୍କ ମାର୍ଗକୁ ଆପଣାଇ ଥିଲି, ଯିଏ କି ମୋ ପ୍ରତି ସଦୟ ହୋଇ ଏପରି କରୁଣା କଲେ ଯାହା ଏକ ନିଦର୍ଶନ ପାଲଟିଗଲା ।**

ପରାମର୍ଶ ନିଆଗଲା । ଆଉ ସେମାନେ ଏହି ରାୟ ଦେଲେ ଯେ, ମିଥ୍ୟା କହିବା ବ୍ୟତୀତ ଏଥିରୁ ବର୍ତିବା ଅସମ୍ଭବ । ସେମାନେ ଉପଦେଶ ଦେଲେ, ଆପଣ ଅଦାଲତରେ ସାକ୍ଷ୍ୟ ଦେବେ ଯେ ମୁଁ ସେହି ପ୍ୟାକେଟ୍‌ରେ ପତ୍ର ରଖି ନାହିଁ । ବରଂ ରିଲୟା ରାମ ନିଜେ ରଖି ଦେଇଥିବେ । ପୁନଶ୍ଚ ସାନ୍ତ୍ୱନା ଦେଇ କହିଲେ; 'ଏପରି ସାକ୍ଷ୍ୟ ଭିତ୍ତିକ ବୟାନ ଦେଲେ (ଆପଣଙ୍କ ସପକ୍ଷରେ) ନିଷ୍ପତ୍ତି ହୋଇଯିବ । ଆଉ ଦୁଇ ଚାରିଟା ମିଥ୍ୟା ସାକ୍ଷୀ ଆଣି ନିର୍ଦ୍ଦୋଷରେ ଖଲାସ ହୋଇଯିବେ । ଅନ୍ୟଥା ଏପରି ମକଦମାରୁ ମୁକୁଳିବା ବେଶ୍ କଷ୍ଟସାଧ ।' କିନ୍ତୁ ମୁଁ ସେ ସମସ୍ତଙ୍କୁ ଉତ୍ତର ଦେଲି ଯେ ମୁଁ କୌଣସି ମତେ ସତ କହିବାରୁ ବିରତ ରହିବାକୁ ଚାହୁଁ ନାହିଁ, ତେଣିକି ଯାହା ହେବ ଦେଖାଯିବ । ତତ୍ ପଶ୍ଚାତ ସେହିଦିନ ଅଥବା ତା'ପରଦିନ ମୋତେ ଏକ ଇଂରେଜ୍‌ର ଅଦାଲତ୍‌ରେ ଉପସ୍ଥିତ କରାଗଲା ଏବଂ ମୋ ମୁକାବିଲାରେ ଡ଼ାକ ବିଭାଗର ଅଫିସର୍ ଜଣେ ସରକାରୀ ଅଭିଯୋଗକାରୀ ରୂପେ ହାଜର ହେଲେ ନାହିଁ ।* ସେତେବେଳେ ଅଦାଲତର ହାକିମ ସ୍ୱହସ୍ତରେ

(* ପୁସ୍ତକ ରଚନାକାରୀ ଦ୍ୱାରା ଏହି ସ୍ଥାନରେ "ହାଜର ହେବା" ଲେଖିବା ପରିବର୍ତ୍ତେ "ନାହିଁ" ଲେଖି ଦିଆଯାଇଛି ।)

ହିଁ ମୋ କଥା ଉଲ୍ଲେଖ କଲେ ଏବଂ ସର୍ବପ୍ରଥମେ ମୋତେ ଏହି ପ୍ରଶ୍ନ କଲେ 'କ'ଣ ତୁମେ ଏହି ପତ୍ରଟି ନିଜ ପ୍ୟାକେଟ୍‌ରେ ରଖିଥିଲ ଏବଂ କ'ଣ ଏହି ପ୍ୟାକେଟ୍ ଓ ପତ୍ର ତୁମର ?' ସେତେବେଳେ ମୁଁ ନିର୍ଦ୍ୱନ୍ଦରେ ଉତ୍ତର ଦେଲି, 'ହଁ ଏହି ପତ୍ର ଓ ପ୍ୟାକେଟ୍ (ଉଭୟ) ମୋର । ମୁଁ ହିଁ ଏହି ପତ୍ରଟିକୁ ପ୍ୟାକେଟ୍‌ରେ ରଖି ପଠାଇ ଥିଲି । କିନ୍ତୁ ମୁଁ ସରକାରଙ୍କୁ ଟିକସ ନଦେଇ ତାଙ୍କର କ୍ଷତି କରିବା ଉଦ୍ଦେଶ୍ୟରେ ଏପରି କରି ନଥିଲି, ବରଂ ମୁଁ ଏହି ପତ୍ରଟିକୁ ସେହି ବିଷୟବସ୍ତୁ ଠାରୁ ଅଲଗା ଭାବି ନାହିଁ । ଆଉ ନା ସେଥିରେ ମୋର ଅନ୍ୟ କୌଣସି ମନ୍ଦ ଉଦ୍ଦେଶ୍ୟ ରହିଥିଲା ।' ଏକଥା ଶୁଣିବା ମାତ୍ରେ ପ୍ରଭୁ ସେହି ଇଂରେଜ୍‌ର ହୃଦୟକୁ ଏହି ବିନୀତ ଆଡ଼କୁ ନୁଆଁଇ ଦେଲେ ଏବଂ ମୋ ମୁକାବିଲାରେ ଡ଼ାକ ଅଫିସର୍ ଖୁବ୍ କୋଳାହଳ କଲା ଏବଂ ଇଂରାଜୀ ଭାଷାରେ ଲମ୍ବା ଲମ୍ବା ଭାଷଣ ଦେଲା । ଯାହା ମୁଁ ବୁଝି ପାରୁ ନଥିଲି । କିନ୍ତୁ ଏତିକି ବୁଝୁଥିଲି ଯେ ତାହାର ପ୍ରତ୍ୟେକ ଭାଷଣ

مَنۡ یَّتَوَکَّلۡ عَلَی اللّٰہِ فَھُوَ حَسۡبُہٗ ମଇଁ ୟତଓ୍ୱକ୍କଲ୍ ଅଲ୍ଲାହି ଫହୁଓ। ହସ୍‌ବୁହୁ (ତଲାକ୍ 65:4) ।

ସୁନିଶ୍ଚିତ ରୂପେ ମନେରଖ ମିଥ୍ୟା ପରି ଅଶୁଭ କଥା କିଛି ନାହିଁ । ସାଧାରଣତଃ ସାଂସାରିକ ଲୋକମାନେ କହିଥାନ୍ତି ଯେ, ସତ୍ୟବାଦୀମାନେ ଗିରଫ୍ ହୋଇଥା'ନ୍ତି କିନ୍ତୁ ମୁଁ କିପରି ବା ଏହାକୁ ସ୍ୱୀକାର କରିନେବି? ଦେଖ, ମୋ ଉପରେ ସାତଗୋଟି ମକଦମା ଦାଏର କରାଗଲା ଏବଂ ପରମେଶ୍ୱରଙ୍କ କୃପାରୁ କୌଣସି ଗୋଟିକରେ ମୋତେ ଗୋଟିଏ ଶବ୍ଦ ମଧ୍ୟ ମିଥ୍ୟା ଲେଖିବାର ଆବଶ୍ୟକତା ପଡ଼ିଲା ନାହିଁ । କେହି କୁହନ୍ତୁ ତ! ଏଥିରୁ କ'ଣ କୌଣସି ଗୋଟିକରେ ବି ପ୍ରଭୁ ମୋତେ ପରାଜିତ କଲେ? ଅଲ୍ଲାଃତାଲା ତ ସ୍ୱୟଂ ସତ୍ୟର ସମର୍ଥକ ଓ ସାହାଯ୍ୟକାରୀ । କ'ଣ ଏହା ସମ୍ଭବ ଯେ, ସେ ସତ୍ୟବାଦୀମାନଙ୍କୁ ଦଣ୍ଡିତ କରିବେ? ଯଦି ଏପରି ଘଟନ୍ତା ତେବେ କେହିହେଲେ ମଧ୍ୟ ସତ କହିବାକୁ ସାହସ

ପରେ ହାକିମ ଇଂରାଜୀରେ 'ନୋ ନୋ' କହି ଡ଼ାକ ଅଫିସରର ସମସ୍ତ କଥାକୁ ରଦ୍ଦ କରି ଦେଉଥିଲା । ଶେଷରେ ଅର୍ଥାତ ଅଭିଯୋଗକାରୀ ଯେତେବେଳେ ନିଜର ପକ୍ଷ ରଖି ସମାପ୍ତ କଲା ଏବଂ ନିଜର ସମସ୍ତ ଦ୍ୱେଷ ଓଗାଳି ଦେଲା ସେତେବେଳେ ହାକିମ ରାୟ ଲେଖିବା ପ୍ରତି ଆନତ ହେଲେ । ସମ୍ଭବତଃ ଧାଡ଼ିଏ ବା ଦୁଇ ଧାଡ଼ି ଲେଖି ମୋତେ କହିଲେ, 'ଆପଣ ଯାଇପାରନ୍ତି ।' ଏହା ଶୁଣିବା ପରେ ମୁଁ ଅଦାଲତ୍‌ର କୋଠରୀରୁ ବାହାରକୁ ଚାଲି ଆସିଲି ଏବଂ ନିଜ ପରମ ଦୟାଳୁ କୃପାଳୁ ଈଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କଲି ଯେ, ସେ ଜଣେ ଇଂରେଜ ହାକିମ ବିଷୟରେ (ଏହି ନ୍ୟାୟ ଯୁଦ୍ଧରେ) ମୋତେ ବିଜୟ ମଣ୍ଡିତ କଲେ । ମୁଁ ଭଲ ଭାବରେ ଜାଣେ ଯେ, ସେତେବେଳେ ସତ କହିବାର କଲ୍ୟାଣ ବଳରେ ପ୍ରଭୁ ସେହି ବିପତ୍ତିରୁ ମୋତେ ଉଦ୍ଧାର କଲେ । ମୁଁ ସେହି ଘଟଣା ପୂର୍ବରୁ ଏହି ସ୍ୱପ୍ନ ମଧ୍ୟ ଦେଖିଥିଲି ଯେ, ଜଣେ ବ୍ୟକ୍ତି ମୋ ଟୋପି କାଢ଼ିବା ପାଇଁ ହାତ ମାରୁଛି । ମୁଁ ତାକୁ କହିଲି; 'ତୁମେ ଏ କ'ଣ କରୁଛ?' ସେତେବେଳେ ସେ ଟୋପିକୁ ମୋ ମୁଣ୍ଡରେ ହିଁ ରହିବାକୁ ଦେଲା ଏବଂ କହିଲା; ମଙ୍ଗଳମୟ ମଙ୍ଗଳମୟ ।

(ବଦର ଭାଗ ୨ ନମ୍ବର- ୫ ପୃ- ୩ ତା- ୨ ଫେବୃଆରୀ ୧୯୦୬ ମସିହା)

କରନ୍ତେ ନାହିଁ ଏବଂ ପରମେଶ୍ୱରଙ୍କ ଉପରୁ ଆସ୍ଥା ତୁଟି ଯାଇଥାନ୍ତା । ଆଉ ସତ୍ୟବାଦୀମାନେ ଜୀବିତ ହିଁ ମରି ଯାଇଥା'ନ୍ତେ ।

ବାସ୍ତବପକ୍ଷେ ସତ କହିବା ଯୋଗୁଁ ଯେଉଁମାନେ ଦଣ୍ଡ ପାଇଥା'ନ୍ତି, ସେମାନେ ସତ କହିବା ଯୋଗୁଁ ନୁହେଁ ବରଂ ସେହି ଦଣ୍ଡ ସେମାନଙ୍କର ଅନ୍ୟ କିଛି ଲୁକ୍କାୟିତ ଓ ଗୋପନରେ କରିଥିବା କୁକର୍ମ ଯୋଗୁଁ ମିଳିଥାଏ ଏବଂ ଆଉ କିଛି ମିଥ୍ୟା ବଚନର ପରିଣାମ ସ୍ୱରୂପ ମିଳିଥାଏ । କାରଣ ପରମେଶ୍ୱରଙ୍କ ନିକଟରେ ତାଙ୍କ ଅପକର୍ମ ଓ ଦୁଷ୍କର୍ମିର ଏକ ଲମ୍ବା ଚିଠା ରହିଥାଏ । ସେମାନଙ୍କର ଅନେକ ଦୋଷତ୍ରୁଟି ଥାଏ ଏବଂ ପୂର୍ବରୁ କରିଥିବା କୌଣସି ଅପକର୍ମ ଯୋଗୁଁ ସେ ଦଣ୍ଡିତ ହୋଇଥାଏ ।

ମୋର ଜଣେ ଶିକ୍ଷକ ଶ୍ରୀମାନ ଗୁଲ ଅଲୀ ଶାହ୍ ବଟାଲା ନିବାସୀ ଥିଲେ । ସେ ଶ୍ରୀମାନ ଶେର ସିଂହଙ୍କ ପୁତ୍ର ପ୍ରତାପ ସିଂହଙ୍କୁ ମଧ୍ୟ ଶିକ୍ଷାଦାନ କରୁଥିଲେ । ସେ ବର୍ଣ୍ଣନା କରନ୍ତି, ଏକଦା ଶେର ସିଂହ ନିଜ ରୋଷେଇଆକୁ (ଖାଦ୍ୟରେ) ଲୁଣଲଙ୍କାର ମାତ୍ରା ଉଣାଅଧିକ ହୋଇଯିବାକୁ ନେଇ ଖୁବ୍ ମାଡ଼ ମାରିଲେ । ଯେହେତୁ ମୌଲବୀ ସାହେବ ଅତି ସରଳ ସ୍ୱଭାବୀ ଥିଲେ ତେଣୁ ତାଙ୍କୁ କହିଲେ; 'ତୁମେ ଆଜି ବହୁତ ଅତ୍ୟାଚାର କରିଛ ।' ଏଥିରେ ଶେର ସିଂହ ଉତ୍ତର ଦେଲା, ମୌଲବୀ ସାହେବଙ୍କୁ ଜଣା ନାହିଁ ସେ ମୋର ଏକ ଶତ ଛେଳି ଖାଇଛି । ଏହିପରି ମନୁଷ୍ୟ ଅପକର୍ମର ଏକ ଗନ୍ତାଘର ରହିଥାଏ ଏବଂ କେତେବେଳେ ବି ହେଲେ ସେ ଧରାପଡ଼ି ଦଣ୍ଡିତ ହୋଇଥାଏ ।* ଯେଉଁ ବ୍ୟକ୍ତି ସଚ୍ଚୋଟତା ଅବଲମ୍ବନ କରିବ ସେ କଦାପି ଅପଦସ୍ତ ହେବ ନାହିଁ । କାରଣ ସେ ଈଶ୍ୱରଙ୍କ ସୁରକ୍ଷା ବଳୟ ମଧ୍ୟରେ ରହିଥାଏ । ଆଉ ପରମେଶ୍ୱରଙ୍କ ସୁରକ୍ଷା ପରି ତ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ କୌଣସି ସୁରକ୍ଷିତ ଦୁର୍ଗ ନାହିଁ । କିନ୍ତୁ ଅଧାବିଧା

* ବଦରରେ ଉଲ୍ଲେଖ ରହିଛି- ମନୁଷ୍ୟ ପାପ ଗୋଟିଏ ଅବସରରେ କରିଥାଏ କିନ୍ତୁ ଧରା ପଡ଼ିଥାଏ ଅନ୍ୟ ଏକ ଅବସରରେ ।

(ବଦର ଭାଗ ୨ ନମ୍ବର- ୬ ପୃ- ୩ ତା-୯ ଫେବୃଆରୀ ୧୯୦୬ ମସିହା)

କାର୍ଯ୍ୟରୁ କୌଣସି ସୁଫଳ ମିଳି ନଥାଏ । କ'ଣ କେହି କହି ପାରିବ ଯେ, ଯେତେବେଳେ ଜଣେ ଭୀଷଣ ଶୋଷିଲା ରହିଥିବ ସେତେବେଳେ ମାତ୍ର ବୁନ୍ଦାଏ ଜଳପାନ ଦ୍ୱାରା ସେହି ବ୍ୟକ୍ତିର ତୃଷା ମେଣ୍ଟିଯିବ । ଅଥବା ଭୀଷଣ କ୍ଷୁଧା ସମୟରେ ଗୋଟିଏ ଦାନା କିମ୍ବା ମାତ୍ର ମୁଠାଏ ଖାଦ୍ୟ ଖାଇବା ଦ୍ୱାରା ଜଣେ ତୃପ୍ତ ହୋଇଯିବ ? କଦାପି ନୁହେଁ, ବରଂ ଯେପର୍ଯ୍ୟନ୍ତ ସେ ସଂପୂର୍ଣ୍ଣ ରୂପେ ଜଳପାନ କରି ନନେଇଛି ଅଥବା ଖାଦ୍ୟ ସେବନ କରି ନନେଇଛି, ସେପର୍ଯ୍ୟନ୍ତ ତୃପ୍ତ ହୋଇ ନଥାଏ । ଏହିପରି ଯେପର୍ଯ୍ୟନ୍ତ ନିଜ ବ୍ୟବହାରରେ ସର୍ବୋଚ୍ଚ ସ୍ତର ହାସଲ କରି ନାହଁ, ସେହି ଉତ୍ତମ ପରିଣାମ ଓ ସିଦ୍ଧି ଲାଭ ହୋଇ ନଥାଏ, ଯାହାକି ହେବା ଉଚିତ୍ । ଅସଂପୂର୍ଣ୍ଣ କର୍ମ ଅଲ୍ଲାଃତାଲାଙ୍କୁ ପ୍ରସନ୍ନିତ କରି ନଥାଏ, ଆଉ ନା ତାହା କଲ୍ୟାଣପ୍ରଦ ହୋଇଥାଏ । ଅଲ୍ଲାଃତାଲାଙ୍କର ଏହି ଅଙ୍ଗୀକାର ରହିଛି ଯେ, ତାଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ ସମ୍ପାଦନ କରିବା ଅନ୍ତେ ହିଁ ସେ କଲ୍ୟାଣ ପ୍ରଦାନ କରିଥାନ୍ତି ।

ବସ୍ତୁତଃ ଏସବୁ କଥା ବସ୍ତୁବାଦୀମାନେ ସ୍ୱୟଂ ଗଢ଼ି ନେଇଥାନ୍ତି ଯେ ମିଥ୍ୟା, ଛଳ ଓ କପଟତା ବ୍ୟତୀତ ଜୀବିତ ରହିବା ସମ୍ଭବ ନୁହେଁ । କେହି କେହି କହିଥା'ନ୍ତି ଯେ ଅମୁକ ବ୍ୟକ୍ତି ମକଦମାରେ ସତ୍ୟ ସାକ୍ଷ୍ୟ ଦେଇଥିଲା । ଏଥିସକାଶେ ଚାରି ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଭୋଗ କଲା । ମୁଁ ପୁନଶ୍ଚ କହୁଛି, ଏସବୁ ମନୁଷ୍ୟର କପୋଳକଳ୍ପିତ ପ୍ରସଙ୍ଗ, ଯାହାକି ଅଜ୍ଞାନତା ଯୋଗୁଁ (ମନରେ) ଜାତ ହୋଇଥାଏ ।

କସ୍‌ବେ କମାଲ କୁନ୍ କେ ଅଯିଯେ ଜାହାଁ ଗୁଇ

ଏହା ଦୁର୍ବଳତାର ପରିଣାମ । ଚରମ ଉତ୍କର୍ଷତା ଯୋଗୁଁ ଏପରି ଫଳ ପ୍ରାପ୍ତି ହୋଇ ନଥାଏ । ଜଣେ ବ୍ୟକ୍ତି ଯେ ନିଜର ମୋଟା ଖଦୀ ଚାଦରରେ ରଦ୍ଦି ଟୁକୁଡ଼ା ଭରିଦେଲେ, କଦାପି ଦର୍ଜି ହୋଇଯିବ ନାହିଁ । ତେବେ ଏହା ସମ୍ଭବ ନୁହେଁ ଯେ, ସେ ଅତି ଉଚ୍ଚମାନର ରେଶମ ବସ୍ତ୍ର ସିଲାଇ କରିନେବ । ଯଦି ତାହାକୁ ଏପରି ଉନ୍ନତମାନର ବସ୍ତ୍ର ଦିଆଯାଏ

ତେବେ ପରିଣାମ ସ୍ୱରୂପ ସେ ତାହାକୁ ନଷ୍ଟ କରିଦେବ । ସୁତରାଂ ଏପରି ପୁଣ୍ୟ ଯେଉଁଥିରେ ମଳିନତା ମିଶ୍ରିତ ଥାଏ, ତେବେ ତାହା କୌଣସି କାମରେ ଆସି ନଥାଏ । ପ୍ରଭୁଙ୍କ ସମକ୍ଷରେ ତାହାର କୌଣସି ମାନ୍ୟତା ନାହିଁ କିନ୍ତୁ ଏମାନେ ଏହିଥିରେ ଗର୍ବ କରୁଛନ୍ତି । ତାହା ମାଧ୍ୟମରେ ମୁକ୍ତି ପ୍ରାପ୍ତ କରିବାର ଆଶା ବାନ୍ଧିଛନ୍ତି । ଯଦି ନିଷ୍ଠାପରତା ରହିଥାଏ, ତେବେ ଈଶ୍ୱର ତ ସାମାନ୍ୟତମ ସତ୍‌କର୍ମକୁ ମଧ୍ୟ ନଷ୍ଟ କରି ନଥା'ନ୍ତି । ସେ ତ ସ୍ୱୟଂ କୁହନ୍ତି; فَمَنْ يَّعْمَلْ مِثْقَالَ ذَرَّةٍ خَيْرًا يَّرَهُ

ଫମଇଁ ୟାମଲ୍ ମିସ୍‌କାଲା ଜର୍‌ରତିନ୍ ଖୈରଇଁ ୟରାଃ (ଜିଲ୍‌ଜାଲ୍ 99:8) ଏଥିସକାଶେ ଯଦି (ସ୍ୱଭାବରେ) ନିମିତ ମାତ୍ର ସତ୍ ଉଦ୍ଦେଶ୍ୟ ଥିବ ତେବେ ସେ ପରମେଶ୍ୱରଙ୍କ ନିକଟରୁ ପ୍ରତିଫଳ ଅବଶ୍ୟ ଲାଭ କରିବ । ତେବେ କେଉଁ କାରଣରୁ ଏପରି ସତ୍‌କର୍ମ କରିବା ସତ୍ତ୍ୱେ ସୁଫଳ ମିଳିଲା ନାହିଁ । ଏହାର କାରଣ ହେଉଛି, ସେଥିରେ ନିଷ୍ଠା ଭାବର ସ୍ଥାନ ଖାଲି ରହିଥିଲା । ସତ୍‌କର୍ମ ପାଇଁ ନିଷ୍ଠାପରତା ଏକ ସର୍ତ୍ତ । ଯେପରିକି ଅଲ୍ଲାଃ କହିଛନ୍ତି; مُخْلِصِيْنَ لَهُ الدِّيْنَ

ମୁଖ୍‌ଲିସୀନା ଲହୁଦ୍ ଦୀନ୍ (ବୈୟନାଃ 98:6) ଏହି ନିଷ୍ଠା ସେହିମାନଙ୍କ ଠାରେ ବିଦ୍ୟମାନ ଯିଏକି ପୁଣ୍ୟବନ୍ତ ।

(ଅଲ୍ ହକମ୍ ଭାଗ ୧୦ ପୃ- ୪,୫)

ସେହି ଲୋକମାନେ ପୁଣ୍ୟବନ୍ତ ହୋଇଯା'ନ୍ତି ଏବଂ ସେମାନେ ଏହି ଭବ ସଂସାରର ହୋଇ ରହନ୍ତି ନାହିଁ । ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟରେ ନିସ୍ୱାର୍ଥପରତା ଓ ଦକ୍ଷତା ରହିଥାଏ । କିନ୍ତୁ ସାଂସାରିକମାନଙ୍କର ଅବସ୍ଥା ତ ଏପରି ଯେ ସେମାନେ ସାମାନ୍ୟତମ ଦାନଧ୍ୟାନ କଲେ ମଧ୍ୟ ତାହାର ପ୍ରଶଂସା ଓ ଗୁଣଗାନ କରାଯିବାର ମନରେ ଆଶା ବାନ୍ଧି ବସିଥାନ୍ତି । ଯଦି କେହି କୌଣସି ସତ୍‌କାର୍ଯ୍ୟ ପାଇଁ କିଛି ଚାନ୍ଦା ଦିଅନ୍ତି ତେବେ ସେଥିରେ ତାଙ୍କର ଉଦ୍ଦେଶ୍ୟ ରହିଥାଏ କି ତାହା ଖବରକାଗଜରେ

ପ୍ରକାଶିତ ହେଉ । ଲୋକମାନେ ତାଙ୍କର ଗୁଣଗାନ କରନ୍ତୁ । ତେବେ ଏପରି ପୁଣ୍ୟକର୍ମ ସହିତ ପ୍ରଭୁଙ୍କର କି ସମ୍ପର୍କ ? ଅନେକ ଲୋକ ବିବାହ କରିବା ଅବସରରେ ନିଜ ଗ୍ରାମବାସୀଙ୍କୁ ଭୋଜନ କରାଇଥା'ନ୍ତି । କିନ୍ତୁ ତାହା ପରମେଶ୍ୱରଙ୍କୁ ପ୍ରସନ୍ନିତ କରିବା ଉଦ୍ଦେଶ୍ୟରେ ନୁହେଁ, ବରଂ ତାହା ଲୋକ ଦେଖାଣିଆ ଓ ପ୍ରଶଂସାର ପାତ୍ର ହେବା ଉଦ୍ଦେଶ୍ୟରେ କରିଥାନ୍ତି । ଯଦି ଲୋକ ଦେଖାଣିଆ କାର୍ଯ୍ୟ ହୋଇ ନଥା'ନ୍ତା ଏବଂ କେବଳ ସୃଷ୍ଟଜ ପ୍ରାଣୀଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ତଥା କେବଳ ପ୍ରଭୁଙ୍କ ସକାଶେ ତାହା କରାଯାଇ ଥା'ନ୍ତା ତେବେ ସେ ସନ୍ଥମାନଙ୍କ ମଧ୍ୟରେ ସାମିଲ ହୋଇ ଯାଇଥା'ନ୍ତା । କିନ୍ତୁ ଯେହେତୁ ସେହି କାର୍ଯ୍ୟରେ ପ୍ରଭୁଙ୍କ ସ୍ଥାନ ଶୂନ୍ୟ ରହିଥାଏ, ତେଣୁ ସେଥିରୁ କୌଣସି ପୁଣ୍ୟ ଓ କଲ୍ୟାଣପ୍ରଦ ପ୍ରଭାବ ଉଦ୍ଭୂତ ହୋଇ ନଥାଏ ।

ଏକଥା ଭଲ ଭାବରେ ମନେରଖ ଯେ, ଯେଉଁ ବ୍ୟକ୍ତି ପରମେଶ୍ୱରଙ୍କର ହୋଇଯାଏ, ଐଶ୍ୱର୍ଯ୍ୟମୟ ପ୍ରଭୁ ମଧ୍ୟ ତାହାର ହୋଇଯାଆ'ନ୍ତି ଏବଂ ଈଶ୍ୱର କାହାର ପ୍ରତାରଣାରେ ପଡନ୍ତି ନାହିଁ । ଯଦି କେହି ଏପରି ମୂର୍ଖାମି କରେ ଯେ ତା'ର ଲୋକ ଦେଖାଣିଆ କାର୍ଯ୍ୟ ଓ ଚତୁରତା ବଳରେ ଈଶ୍ୱରଙ୍କୁ ଠକି ଦେବ, ତେବେ ଏହା ତାହାର ଅଜ୍ଞାନତା ଓ ମୂଢ଼ତା । ସେ ଅନ୍ୟ କାହାରିକୁ ନୁହେଁ, ବରଂ ସ୍ୱୟଂକୁ ଧୋକା ଦେଇଥାଏ । ସଂସାରର ଚାକଚକ୍ୟ ଓ ମୋହମାୟା ସମସ୍ତ ଦୁଷ୍କର୍ମର ମୂଳ । ଏଥିରେ ଅନ୍ଧ ହୋଇ ମନୁଷ୍ୟ ନିଜର ମାନବୀୟ ଗୁଣରୁ ବାହାରକୁ ଚାଲି ଯାଇଥାଏ ଏବଂ ଜାଣିପାରି ନଥାଏ ଯେ, ସେ କ'ଣ କରୁଛି ଏବଂ ମୋତେ କ'ଣ କରିବା ଉଚିତ୍ ଥିଲା । ଯେପରି ଜଣେ ବୁଦ୍ଧିମାନ ବ୍ୟକ୍ତି କାହାରି ଠକାମିର ଶିକାର ହୋଇ ନଥାଏ ତେବେ ଅଲ୍ଲାଃତାଲା କିପରି କାହା ଠକାମିର ଶିକାର ହୋଇଯିବେ । କିନ୍ତୁ ଏପରି ମନ୍ଦକର୍ମର ମୂଳ ସଂସାର ପ୍ରତି ପ୍ରେମ ଓ ସବୁଠାରୁ ବଡ଼ ପାପ ଯାହାକି ମୁସଲମାନମାନଙ୍କର ସତ୍ୟାନାଶ କରି ରଖିଛି । ଯେଉଁଥିରେ ସେମାନେ ପୀଡ଼ିତ ଅଛନ୍ତି, ତାହା ଏହି ସାଂସାରିକ

ମୋହମାୟା । ଦେଖ, ପ୍ରତି ମୁହୂର୍ତ୍ତରେ ଏପରିକି ବସିବା ଉଠିବାରେ, ଶୟନେ ଜାଗରଣେ, ଚଳପ୍ରଚଳ କରିବା (ସମୟ)ରେ ଏହି ଜଞ୍ଜାଳରେ ହିଁ ମନୁଷ୍ୟ କବଳିତ । ଏଥିପ୍ରତି ତା'ର କ୍ଷଣକ ପାଇଁ ମଧ୍ୟ ଚିନ୍ତା ନାହିଁ ଯେ, ବେଳ ଆସିବ ତାକୁ କବରରେ ଶୁଆଇ ଦିଆଯିବ । ଏପରି ବ୍ୟକ୍ତି ଯଦି ଅଲ୍ଲାଃତାଲାଙ୍କୁ ଭୟ କରିଥା'ନ୍ତେ ଏବଂ ଧର୍ମ ପାଇଁ ନିମିତ ମାତ୍ର ଭୟ ପୋଷଣ କରିଥା'ନ୍ତେ ତେବେ ଅନେକ ସୁଫଳ ଲାଭ କରିପରି ଥା'ନ୍ତେ । ସାଦୀ ନିଜ କବିତାରେ କହିଛନ୍ତି; ଗର ଓଜିର ଅଯ୍ ଖୁଦା ତ୍ରୁର୍‌ଶିଦେ

ଜଣେ କର୍ମଚାରୀ ନିଜର ସାମାନ୍ୟ ଚାକିରୀ ପାଇଁ ନିଜ କାର୍ଯ୍ୟ ସମ୍ପାଦନ କରିବା ପ୍ରତି କିଭଳି ଫୁର୍ତ୍ତି ଓ ଚତୁରତା ଅବଲମ୍ବନ କରିଥାଏ । କିନ୍ତୁ ଯେତେବେଳେ ନମାଜ ପାଠ କରିବାର ସମୟ ଆସେ ସେତେବେଳେ ସାମାନ୍ୟ ଶୀତଳ ଜଳକୁ ଦେଖି ପଛେଇ ରୁହନ୍ତି । ଏପରି କଥା କାହିଁକି ଉତ୍ପନ୍ନ ହେଉଛି ? ଏଥିପାଇଁ ଯେ, ଅଲ୍ଲାଃତାଲାଙ୍କ ମର୍ଯ୍ୟାଦା ଓ ଗାରିମା ହୃଦୟରେ ବିଦ୍ୟମାନ ନାହିଁ । ଯଦି ତାହା ନିମିତ ମାତ୍ର ଥାଆନ୍ତା, ଆଉ ମୃତ୍ୟୁ ଗ୍ରାସ କରିବାର ଚିନ୍ତା ଓ ବିଶ୍ୱାସ ଥାଆନ୍ତା ତେବେ ସମସ୍ତ ଆଳସ୍ୟ ଓ ଉଦାସିନତା ଉଭାନ ହୋଇଯାଇ ଥାଆନ୍ତା । ଏଥିସକାଶେ ଅଲ୍ଲାଃତାଲାଙ୍କ ଗାରିମାକୁ ହୃଦୟରେ ବିଦ୍ୟମାନ ରଖିବା ଜରୁରୀ ଓ ସଦା ତାଙ୍କୁ ଭୟ କରିବା ଉଚିତ୍ । କାରଣ ତାଙ୍କ ଧରପଗଡ଼ ଭୟଙ୍କର ହୋଇଥାଏ । ସେ ଦୋଷକୁ ଘୋଡ଼ାଇ ଦିଅନ୍ତି ଏବଂ କ୍ଷମା ମଧ୍ୟ କରିଥା'ନ୍ତି । କିନ୍ତୁ ଯେତେବେଳେ କାହାରିକୁ ଧରନ୍ତି ସେତେବେଳେ ଅତି ଶକ୍ତ ଭାବେ ଦଣ୍ଡିତ କରିଥା'ନ୍ତି । ଏପରିକି لَا يَخَافُ عُقْبٰهَا ଲା ୟଖାଫୁ ଉକ୍‌ବାହା (ଅଶ୍‌ଶମସ୍ 91:16) ସେଥିଅନ୍ତେ ସେ ଏହାର ଖାତିର କରି ନଥାନ୍ତି ଯେ, ତାଙ୍କ ପରବର୍ତ୍ତୀ ପିଢ଼ିଙ୍କର କ'ଣ ଅବସ୍ଥା ହେବ । ଏହା ବିପରୀତ ଯେଉଁମାନେ ଅଲ୍ଲାଃତାଲାଙ୍କୁ ଭୟ କରିଥା'ନ୍ତି ଏବଂ ତାଙ୍କ ଗୌରବ ଓ ପଦମର୍ଯ୍ୟାଦାକୁ ହୃଦୟରେ ସ୍ଥାନ ଦେଇଥା'ନ୍ତି । ପରମେଶ୍ୱର ତାଙ୍କୁ ସମ୍ମାନୀତ କରିଥା'ନ୍ତି ତଥା ସ୍ୱୟଂ ତାଙ୍କ ପାଇଁ ଗଗନ ସଦୃଶ ପାଲଟି

ଯାଇଆନ୍ତି । ହଦିସ୍‌ରେ ଉଲ୍ଲେଖ ରହିଛି, ମନ୍ କାନା ଲିଲ୍ଲାହି କାନଲ୍ଲାହୁ ଲହୁ ଅର୍ଥାତ୍ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ଉତ୍ସର୍ଗୀକୃତ ହୋଇଯାଏ, ଅଲ୍ଲାଃତାଲା ମଧ୍ୟ ତାଙ୍କର ହୋଇଯାଆନ୍ତି । କିନ୍ତୁ ପରିତାପର ବିଷୟ ଯେ, ଯେଉଁ ବ୍ୟକ୍ତିମାନେ ଏଥିପ୍ରତି ଧ୍ୟାନ ଦିଅନ୍ତି ଏବଂ ଅଲ୍ଲାଃତାଲାଙ୍କ ଆଡ଼କୁ ପାଦ ବଢାଇବାକୁ ଚାହାନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହା ହିଁ କାମନା କରିଥାନ୍ତି ଯେ, ହାତ ମୁଠାରେ ଶୋରିଷ ଏକତ୍ରୀତ କରି ଦିଆଯାଉ । ସେମାନେ ଜାଣନ୍ତି ନାହିଁ, ଯେ ଧର୍ମକର୍ମରେ କିଭଳି ଧୈର୍ଯ୍ୟ ରକ୍ଷା ଓ ସାହସ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ବଡ଼ ଆଶ୍ଚର୍ଯ୍ୟର କଥା ଯେ, ଏହି ନଶ୍ୱର ସଂସାରକୁ ପ୍ରାପ୍ତ କରିବା ପାଇଁ ସେମାନେ ଦିବାରାତ୍ର ମଥା ରଗଡ଼ି ଥା'ନ୍ତି ଏବଂ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି । କୃଷକ ବୀଜ ବପନ କରି ଦୀର୍ଘ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିଥାଏ । କିନ୍ତୁ ଧର୍ମ କାର୍ଯ୍ୟର ପ୍ରସଙ୍ଗ ଆସିବା ମାତ୍ରେ କୁହନ୍ତି ଯେ, ଫୁଙ୍କ ମାରି (ଆମକୁ) ସନ୍ଥ କରିଦିଅ ଏବଂ ପ୍ରଥମ ଦିନ ହିଁ ଚାହାନ୍ତି ଯେ ଆମେ ଅର୍ଶ (ସ୍ୱର୍ଗ)ରେ ପହଞ୍ଚିଯାଉ । ଅଥଚ ନା ଏହି ମାର୍ଗରେ କୌଣସି ପରିଶ୍ରମ ଓ ଅଧ୍ୟବସାୟ କରିଥା'ନ୍ତି, ଆଉ ନା କୌଣସି ପରୀକ୍ଷାର ସମ୍ମୁଖୀନ ହୋଇଥା'ନ୍ତି ।

ସ୍ମରଣ ରଖ ଯେ, ଅଲ୍ଲାଃତାଲାଙ୍କର ଏହି ନିୟମ ଓ କାନୁନ୍ ନାହିଁ । ଏଠାରେ ପ୍ରତ୍ୟେକ ପ୍ରକାର ଉନ୍ନତି ପର୍ଯ୍ୟାୟକ୍ରମେ ହୋଇଥାଏ ଏବଂ ପ୍ରଭୁ ମାତ୍ର ଏତିକିରେ ପ୍ରସନ୍ନ ହୋଇ ନଥା'ନ୍ତି ଯେ, ଆମେ କହିଦେବା କି ଆମେ ମୁସଲମାନ ଅଥବା ବିଶ୍ୱାସକାରୀ ହୋଇଯାଇଛୁ । ବସ୍ତୁତଃ ଯେପରି ସେ କୁହନ୍ତି;

أَحَسِبَ النَّاسُ أَنْ يُتْرَكُوا أَنْ يَقُولُوا آمَنَّا وَهُمْ لَا يُفْتَنُونَ

ଆହସିବନ୍ନାସୁ ଅଇଁ ୟୁତଲରକୁ ଅଇଁ ୟକୁଲୁ ଆମନ୍ନା ଓହୁମ୍ ଲାୟୁଫ୍‌ତନୁନ୍ (ଅନ୍‌କବୁତ୍ 29:3) ଅର୍ଥାତ୍ କ'ଣ ଲୋକମାନେ ମନେ କରୁଛନ୍ତି, ଯେ ସେମାନେ ବିଶ୍ୱାସ ଆଣିବାର କହିଦେବା ହିଁ ଯଥେଷ୍ଟ ହୋଇଯିବ ଓ ସେଥିରେ ପ୍ରଭୁ ପ୍ରସନ୍ନିତ ହୋଇଯିବ ତଥା ଏମାନଙ୍କୁ ଧରପଗଡ

କରାଯିବ ନାହିଁ ଏବଂ ସେମାନଙ୍କୁ ପରୀକ୍ଷା କରାଯିବ ନାହିଁ । ଏହା ଅଲ୍ଲାଃଙ୍କ ସୁନ୍ନତ (ଅନୁସୃତ ପନ୍ଥା) ବିପରୀତ ଯେ ଫୁଙ୍କ ମାରି (କାହାରିକୁ) ସନ୍ଥ କରିଦିଆଯିବ । ଯଦି ଏପରି ଅଲ୍ଲାଃଙ୍କ ସୁନ୍ନତ ହୋଇଥା'ନ୍ତା ତେବେ ହଜରତ ମୁହମ୍ମଦସ.ଅ ମଧ୍ୟ ଏହିପରି କରିଥା'ନ୍ତେ ଏବଂ ନିଜ ଉତ୍ସର୍ଗୀକୃତ ଅନୁଗାମୀମାନଙ୍କୁ ଫୁଙ୍କ ମାରି ସନ୍ଥ କରି ଦେଇଥା'ନ୍ତେ । ସେମାନଙ୍କୁ ପରୀକ୍ଷାର ସମ୍ମୁଖୀନ କରାଇ ତାଙ୍କ ଶିର କଟାଇ ନଥା'ନ୍ତେ । ଅଲ୍ଲାଃତାଲା ସେମାନଙ୍କ ବିଷୟରେ ଏପରି କହି ନଥା'ନ୍ତେ,

مِنْهُمْ مَّنْ قَضٰى نَحْبَهٗ وَمِنْهُمْ مَّنْ يَّنْتَظِرُ ۖ وَمَا بَدَّلُوْا تَبْدِيْلًا

ମିନ୍‌ହୁମ୍ ମନ୍ କଜା ନହ୍‌ବହୁ ଓ୍ୱମିନ୍‌ହୁମ୍ ମଇଁ ୟନ୍‌ତଜିରୁ ଓ୍ୱମା ବଦ୍‌ଦଲୁ ତବ୍‌ଦୀଲା (ଅଲ୍ ଅହଜାବ୍ 33:24) ।

ସୁତରାଂ ଯେତେବେଳେ ବିନା ପରିଶ୍ରମ ଓ ଅଧ୍ୟବସାୟରେ ସଂସାର ପ୍ରାପ୍ତି ହିଁ ହୋଇ ନଥାଏ ତେବେ ସେ ବଡ ଅଜବ ମୂର୍ଖ ମନୁଷ୍ୟ ଯେ, ଧର୍ମକୁ ସ୍ୱାଦିଷ୍ଟ ହଲୁଓ୍ୱା ଭାବୁଛି । ଏହା ତ ସତ୍ୟ ଯେ ଧର୍ମ ଅତି ସରଳ ପ୍ରସଙ୍ଗ, କିନ୍ତୁ ପ୍ରତ୍ୟେକ ପୁରସ୍କାର ପରିଶ୍ରମ ଲୋଡ଼ିଥାଏ । ଏଥିସହିତ ଇସଲାମ୍ ତ ଏପରି ପରିଶ୍ରମ ମଧ୍ୟ ରଖି ନାହିଁ । ହିନ୍ଦୁ ଧର୍ମାବଲମ୍ବୀଙ୍କୁ ଦେଖିନିଅ, ସେମାନଙ୍କ ଯୋଗୀ ଓ ସନ୍ୟାସୀମାନଙ୍କୁ କ'ଣ କ'ଣ କରିବାକୁ ପଡୁଛି । କାହାର ଅଣ୍ଟା ଭାଙ୍ଗି ଗଲାଣି ତ କିଏ ନଖ ବଢାଇ ଚାଲିଛି । ଏହିପରି ଖ୍ରୀଷ୍ଟଧର୍ମରେ ସଂସାର ତ୍ୟାଗ କରି (ବୈରାଗୀ ହେବା) ପ୍ରଥା ପ୍ରଚଳିତ ଥିଲା । କିନ୍ତୁ ଇସଲାମ୍‌ରେ ଏସବୁ ପ୍ରଥାର କୌଣସି ସ୍ଥାନ ନାହିଁ, ବରଂ ଇସଲାମ୍ ଏହି ଶିକ୍ଷା ଦେଲା;

قَدْ اَفْلَحَ مَنْ زَكّٰهَا କଦ୍ ଅଫ୍‌ଲହା ମନ୍ ଜକ୍‌କାହା (ଅଶ୍ ଶମସ୍ 91:10) ଅର୍ଥାତ୍ ମୋକ୍ଷ ପ୍ରାପ୍ତ କରିନେଲା ସେହି ବ୍ୟକ୍ତି, ଯିଏ ନିଜର ଆତ୍ମଶୁଦ୍ଧି କରିନେଲା । ଅର୍ଥାତ୍ ଯେଉଁ ବ୍ୟକ୍ତି ପରମେଶ୍ୱରଙ୍କ ସକାଶେ ସମସ୍ତ ପ୍ରକାରର କୁପ୍ରଥା, ଅଶ୍ଳୀଳତା, ମିଥ୍ୟା ଓ ମନ୍ଦ ପ୍ରବୃତ୍ତିରୁ ନିଜକୁ

ପୃଥକ କରିନେଲା ଏବଂ ସମସ୍ତ ପ୍ରକାରର ତାମସିକ ପ୍ରବୃତ୍ତିକୁ ବର୍ଜନ କରି ପ୍ରଭୁଙ୍କ ମାର୍ଗରେ କଷ୍ଟ ସହ୍ୟ କରିବାକୁ ପ୍ରାଧାନ୍ୟ ଦେଲା । ଏପରି ବ୍ୟକ୍ତି ହିଁ ବାସ୍ତବରେ ମୋକ୍ଷ ପ୍ରାପ୍ତିର ଅଧିକାରୀ । ଯେ ଈଶ୍ୱରଙ୍କୁ ଅଗ୍ରାଧିକାର ଦେଇ ସଂସାର ଓ ତାହାର ସୁଖସ୍ୱାଛନ୍ଦ୍ୟକୁ ପରିତ୍ୟାଗ କରିଥାଏ ।★ ପୁନଶ୍ଚ କୁହନ୍ତି; وَقَدْ خَابَ مَنْ دَسّٰهَا

ଓ୍ୱକଦ୍ ଖାବା ମନ୍‌ଦସ୍‌ସାହା (ଅଶ୍‌ଶମସ୍ 91:11) ମୃତିକା ସଦୃଶ ହୋଇଗଲା ସେହି ବ୍ୟକ୍ତି ଯିଏ ନିଜ ପ୍ରାଣକୁ ଆବିଳତାରେ ଭରି ଦେଲା ଅର୍ଥାତ୍ ଯିଏ ନିମ୍ନଗାମୀ ହୋଇ ପୃଥିବୀ ଆଡ଼କୁ ଢ଼ଳିଗଲା (ସଂସାର ପ୍ରାପ୍ତିରେ ମାତିଗଲା) । ଏହି ଗୋଟିଏ ପଦ ପବିତ୍ର କୁରଆନର ସକଳ ଶିକ୍ଷାର ସାରାଂଶ, ଯହିଁରୁ ଜଣା ପଡୁଛି ଯେ ମନୁଷ୍ୟ କିପରି ନିଜ ସୃଷ୍ଟିକର୍ତ୍ତାଙ୍କ ପର୍ଯ୍ୟନ୍ତ ପହଞ୍ଚିବ । ଏହା ସମ୍ପୂର୍ଣ୍ଣ ସତ୍ୟ ଓ ପ୍ରକୃତ କଥା ଯେ ଯେପର୍ଯ୍ୟନ୍ତ ମନୁଷ୍ୟ ସ୍ୱଭାବଗତ କୁପ୍ରବୃତ୍ତିକୁ ପରିତ୍ୟାଗ କରି ନାହିଁ, ସେପର୍ଯ୍ୟନ୍ତ ତାହାକୁ ଈଶ୍ୱର ପ୍ରାପ୍ତି ହୋଇ ନଥାଏ । ଯଦି ସାଂସାରିକ କଳୁଷତାରୁ ରକ୍ଷା ପାଇବାକୁ ଇଚ୍ଛୁକ ଏବଂ ପ୍ରଭୁଙ୍କ ସାକ୍ଷାତ କରିବାକୁ ଚାହୁଁଛ ତେବେ କାମନାଗତ ରସାନୁଭବକୁ ପରିତ୍ୟାଗ କର । ନଚେତ୍

ହମ୍ ଖୁଦା ଖ୍ୱାହୀ ଓ୍ୱ ହମ୍ ଦୁନିୟ୍ୱା ଏ ଦୁଁ ଇଁ ଖୟାଲ୍ ଅସ୍ତ ଓ୍ୱ ମହାଲ୍ ଅସ୍ତ ଓ୍ୱ ଜନୁଁ

ବାସ୍ତବରେ ମନୁଷ୍ୟ ସ୍ୱଭାବରେ ମନ୍ଦପ୍ରବୃତ୍ତି ନଥିଲା, ଆଉ ନା କୌଣସି ଖରାପ କଥା ଥିଲା । କିନ୍ତୁ ତାହାର ଦୁର୍ବ୍ୟବହାର ହିଁ (ଜଣକୁ)

★ ପାଦଟୀକା- ଯେ ଧର୍ମକୁ ପ୍ରାଥମିକତା ଦେଇଥାଏ ସେ ନିଜ ସୃଷ୍ଟିକର୍ତ୍ତାଙ୍କୁ ଲଭି ନେଇଥାଏ । ନିଜ ତାମସିକ ପ୍ରବୃତ୍ତିକୁ ମାଟିରେ ମିଶାଇ ଏବଂ ନିଜ ପାଳନକର୍ତ୍ତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରାଥମିକତା ଦେବା ଉଚିତ୍ । ଏହା ହିଁ ଧର୍ମର ସାରାଂଶ କି ଯେଉଁସବୁ ଖରାପ ମାର୍ଗ ରହିଛି ସେସବୁକୁ ପରିତ୍ୟାଗ କଲେ ହିଁ ଈଶ୍ୱର ମିଳିଥାନ୍ତି ।

(ବଦର୍ ଖଣ୍ଡ ୨ ସଂଖ୍ୟା ୬ ପୃ-୩ ପ୍ରକାଶ ୯ ଫେବୃଆରୀ ୧୯୦୬ ମସିହା)

ଖରାପ କରି ଦେଇଥାଏ । ଉଦାହରଣ ସ୍ୱରୂପ ଲୋକ ଦେଖାଣିଆ କାର୍ଯ୍ୟ କରିବା । ଏହା ମଧ୍ୟ ବାସ୍ତବରେ କିଛି ଖରାପ ନୁହେଁ । କାରଣ ଯଦି କୌଣସି କାର୍ଯ୍ୟ କେବଳ ସେ ପ୍ରଭୁଙ୍କ ସକାଶେ ଏବଂ ଏହି ଉଦ୍ଦେଶ୍ୟରେ କରିଥାଏ ଯେ, ଏହି ପୁଣ୍ୟକର୍ମ* ଅନ୍ୟମାନଙ୍କୁ ମଧ୍ୟ ଅନୁପ୍ରାଣିତ କରିବ ତେବେ ଏହି ଦେଖାଣିଆ କାର୍ଯ୍ୟ ମଧ୍ୟ ପୁଣ୍ୟକର୍ମ ହୋଇଥାଏ ।

ଲୋକ ଦେଖାଣିଆ କାର୍ଯ୍ୟ ଦୁଇ କିସମର । ଗୋଟିଏ ଲୋକମାନଙ୍କ ସକାଶେ ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ନମାଜ ପାଠ କରାଉଛି । ସେତିକିବେଳେ ପଛରୁ କେହି ମାନ୍ୟଗଣ୍ୟ ବ୍ୟକ୍ତି ଆସିଯିବାରୁ ସେ ନମାଜକୁ ଲମ୍ବା କରିବାକୁ ଆରମ୍ଭ କରିଦେବେ । ଏପରି ଅବସ୍ଥାରେ କେତେକ ବ୍ୟକ୍ତିଙ୍କ ଉପରେ ଏପରି (ମିଥ୍ୟା ବଡିମାର) ପ୍ରଭାବ ପଡ଼ି ଯାଇଥାଏ ଯେ, ସେମାନେ ଫୁଲି ଉଠନ୍ତି । ଏହା ମଧ୍ୟ ଏକ ପ୍ରକାରର ଲୋକ ଦେଖାଣିଆ କାର୍ଯ୍ୟ । ଯାହାକି ପ୍ରତ୍ୟେକ ସମୟରେ ପ୍ରକାଶିତ ହୋଇ ନଥାଏ । କିନ୍ତୁ ନିଜ ସମୟରେ ଯେପରିକି ଭୋକ ହେଲେ ରୁଟି ଖାଇବା ଅଥବା ଶୋଷ ହେଲେ ପାଣି ପିଇବା । କିନ୍ତୁ ଏହାର ବିପରୀତରେ ଯେଉଁ ବ୍ୟକ୍ତି କେବଳ ଅଲ୍ଲାଃତାଲାଙ୍କ ସକାଶେ ନମାଜ ସୁଚାରୁ ରୂପେ ପାଠ କରିଥାଏ, ତାହା ଦେଖାଣିଆ କାର୍ଯ୍ୟରେ ଅନ୍ତର୍ଭୁକ୍ତ ନୁହେଁ ବରଂ ତାହା ତ ଅଲ୍ଲାଃଙ୍କ ପ୍ରୀତିଭାଜକ ହେବାର ମାଧ୍ୟମ । ବସ୍ତୁତଃ ଦେଖାଣିଆ କାର୍ଯ୍ୟର ମଧ୍ୟ ସ୍ଥାନକାଳ ରହିଥାଏ ଏବଂ ମନୁଷ୍ୟ ଏପରି ଜୀବ ଯେ, ଅନୁଚିତ୍ ସ୍ଥାନରେ ଦୋଷତ୍ରୁଟି ପ୍ରତି ନଜର କରି ନଥାଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ନିଜକୁ ବେଶ୍ ପବିତ୍ର ଓ ବିଜ୍ଞ ମନେ କରୁଛି । ଏକଦା ରାସ୍ତାରେ ଏକାକି ଯାଉଥିବା ସମୟରେ ତା'କୁ ଯଦି ଏକ ମୋତିମାଣିକ୍ୟରେ ପରିପୂର୍ଣ୍ଣ ଥଳି ମିଳିଯାଏ, ତେବେ ତାହାକୁ

* ପାଦଟୀକା– ପ୍ରତୀତ ହେଉଛି ଯେ "ଏହି ପୁଣ୍ୟକର୍ମ ଦ୍ୱାରା ଅନ୍ୟମାନେ ମଧ୍ୟ ଅନୁପ୍ରାଣିତ ହେବେ" ହେବା ଉଚିତ୍ ।

ଦେଖି ସେ ଚିନ୍ତା କରିଥାଏ କି ଏଥିରେ ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନାହିଁ, କେହି ଏହା ଦେଖନ୍ତି ନାହିଁ । ଯଦି ସେତେବେଳେ ସେ ସେହି ଥଳିକୁ ପାଇ ନଥା'ନ୍ତା ଏବଂ ଚିନ୍ତା କରିଥାନ୍ତା ଯେ ଏହା ତ ଅନ୍ୟର ଧନ, ଯାହା ରାସ୍ତାରେ ଗଳି ପଡ଼ିଛି । ଏକଥା ଚିନ୍ତା କରି ଯଦି ସେ ଲୋଭର ବଶବର୍ତ୍ତୀ ନହୁଏ ଏବଂ (ସେ) ସଂପୂର୍ଣ୍ଣ ସ୍ୱଚ୍ଛ, ପବିତ୍ରତା ଓ ଈଶ୍ୱର ଭୟ ରଖି କାର୍ଯ୍ୟ କରେ ତେବେ ସେ ପ୍ରକୃତରେ ଜଣେ ଧର୍ମନିଷ୍ଠ (ବ୍ୟକ୍ତି) ପ୍ରମାଣିତ ହେବ । ନଚେତ୍ ଯଦି କେବଳ (ପବିତ୍ର ଓ ଧର୍ମନିଷ୍ଠ) ହେବାର ଦାବି କରେ ତେବେ ସେ ସମୟରେ ତାହାର ଅସଲ ମୁଖା ଖୋଲିଯିବ ଓ ସେ ତାହାକୁ ନେଇଯିବ ।

ଏହିପରି ଜଣେ ଏମିତି ବ୍ୟକ୍ତି ଯାହା ସମ୍ବନ୍ଧରେ ଚିନ୍ତାଧାରା ରହିଛି ଯେ, ସେ ଲୋକ ଦେଖାଣିଆ କାର୍ଯ୍ୟ କରୁ ନାହିଁ । ଯେତେବେଳେ ଦେଖାଇ ହେବାର ସମୟ ଆସେ ଏବଂ ସେ ତାହା କରେ ନାହିଁ, ତେବେ ପ୍ରମାଣିତ ହେବ ଯେ ସେ ଆଦୌ ସେପରି କାର୍ଯ୍ୟ କରୁ ନାହିଁ । କିନ୍ତୁ ଯେପରିକି ମୁଁ ବର୍ତ୍ତମାନ ଚର୍ଚ୍ଚା କଲି କେତେକ ସମୟରେ ଏହି ଅଭ୍ୟାସର ସ୍ଥାନକାଳ ଏପରି ହୋଇଥାଏ କି ତାହା ସତ୍‌କର୍ମରେ ବଦଳି ଯାଇଥାଏ । ଅତଏବ ଯେଉଁ ବ୍ୟକ୍ତି ସାମୂହିକ ନମାଜ ପାଠ କରେ ତାହା ଠାରେ ମଧ୍ୟ ଏକ ରିଆ (ଦେଖାଣିଆ ଭାବ) ରହିଥାଏ ସତ, କିନ୍ତୁ ମନୁଷ୍ୟର ବାହ୍ୟ ପ୍ରଦର୍ଶନ ହିଁ ଅସଲରେ ରିଆ ଅଟେ । ଯଦି ତାହାର ସେହି ଉଦ୍ଦେଶ୍ୟରେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଆଜ୍ଞାକାରୀତା ରହିଥାଏ ତେବେ ତାହା ଏକ ଅଜବ ପୁରସ୍କାର ହୋଇଯାଏ । ସୁତରାଂ ମସଜିଦ୍‌ରେ ନମାଜ ପାଠ କର ଏବଂ ଘରେ ମଧ୍ୟ । ଏହିପରି ଗୋଟିଏ ସ୍ଥାନରେ ଧର୍ମକର୍ମର କାର୍ଯ୍ୟ ପାଇଁ ଚାନ୍ଦା ଆଦାୟ କରାଯାଉଥିଲା । ଜଣେ ବ୍ୟକ୍ତି ଲକ୍ଷ୍ୟ କଲା ଯେ, ଲୋକମାନେ ଏଥିପ୍ରତି (ଅର୍ଥାତ୍ ଚାନ୍ଦା ଦେବା ପ୍ରତି ଆଗ୍ରହ) ସକ୍ରିୟ ନାହାନ୍ତି ଓ ସେମାନେ ନୀରବ ରହିଛନ୍ତି । ଏପରି ସ୍ଥଳେ ଯଦି ସେ କେବଳ ଏହି ଭାବନା ରଖି ଯେ, ସେ ଲୋକମାନେ ଏଥିପ୍ରତି

ଉତ୍ସାହିତ ହୁଅନ୍ତୁ, ସେ ସର୍ବପ୍ରଥମେ ନିଜେ ଚାନ୍ଦା ପେଠ କରିଦିଏ । ପ୍ରତ୍ୟକ୍ଷରେ ଦେଖିବାକୁ ଗଲେ ଏହା ଲୋକ ଦେଖାଣିଆ କାର୍ଯ୍ୟ ମନେ ହେବ, କିନ୍ତୁ ଏହା ପୁଣ୍ୟ ଅର୍ଜନର କାରଣ ହୋଇଥାଏ । ଏହିପରି ଈଶ୍ୱର ପବିତ୍ର କୁରଆନରେ କହିଛନ୍ତି; لَا تَمْشِ فِي الْأَرْضِ مَرَحًا ଲା ତମ୍‌ଶି ଫିଲ୍‌ଅର୍‌ଜେ ମରହନ୍ (ଲୁକମାନ୍ 31:19) ଭୂପୃଷ୍ଠରେ ଗର୍ବର ସହିତ ଚାଲ ନାହିଁ । କିନ୍ତୁ ହଦିସ୍‌ରୁ ପ୍ରମାଣିତ ହେଉଛି, ଯେ ଗୋଟିଏ ସ୍ଥାନରେ ଜଣେ ବ୍ୟକ୍ତି ଅହଙ୍କାର ଠାଣିରେ ଛାତି ଫୁଲାଇ ଚାଲୁଥିଲା । ତାହାକୁ ହଜରତ ମୁହମ୍ମଦ[ସ.ଅ] ଦେଖି କହିଲେ; ଏହାକୁ ଈଶ୍ୱର ପସନ୍ଦ କରନ୍ତି ନାହିଁ । କିନ୍ତୁ ଏହି ସମୟରେ ଅଲ୍ଲାଃତାଲା ତୁମର ଏହି ଆଚରଣକୁ ପସନ୍ଦ କଲେ । ସୁତରାଂ

ଗର ହିଫ୍‌ଜେ ମରାତିବ୍ ନା କୁନୀ ଜନ୍ଦେକୀ...

ବସ୍ତୁତଃ ସ୍ଥଳ ବିଶେଷରେ ଆଚାର ବ୍ୟବହାର ମନୁଷ୍ୟକୁ ବିଶ୍ୱାସକାରୀ କରିଦିଏ । କିନ୍ତୁ ଅନୁଚିତ୍ ସ୍ଥଳେ ଅମାନ୍ୟକାରୀ କରି ଦେଇଥାଏ । ମୁଁ ପୂର୍ବରୁ କହିସାରିଛି ଯେ କୌଣସି ଆଚରଣ ମନ୍ଦ ନୁହେଁ, ବରଂ ତାହାର ଦୁର୍ବ୍ୟବହାର ଯୋଗୁଁ ତାହା ମନ୍ଦ ପାଲଟି ଯାଇଥାଏ ।

ହଜରତ ଉମର [ର.ଅ]ଙ୍କ କ୍ରୋଧୀତ ଗୁଣ ସମ୍ପର୍କରେ ଉଲ୍ଲେଖ ରହିଛି ଯେ ତାଙ୍କୁ କେହି ଜଣେ ପଚାରିଲେ, ଇସଲାମ ଧର୍ମ ଗ୍ରହଣ କରିବା ପୂର୍ବରୁ ଆପଣ ଅତି କ୍ରୋଧୀ (ବ୍ୟକ୍ତି) ଥିଲେ । ସେ ଉତ୍ତର ଦେଲେ 'କ୍ରୋଧ ତ ସେହିପରି ଅଛି, ହଁ ପୂର୍ବେ ଅବେଳରେ (ଉତ୍ୟକ୍ତ) ହୋଇ ଯାଉଥିଲି, କିନ୍ତୁ ବର୍ତ୍ତମାନ ଉପଯୁକ୍ତ ସ୍ଥଳେ (ନାରାଜ) ହେଉଛି ।' ଇସଲାମ ପ୍ରତ୍ୟେକ ସାମର୍ଥ୍ୟକୁ ତାହାର ଉପଯୁକ୍ତ ସ୍ଥାନରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି । ସୁତରାଂ ଏପରି ପ୍ରୟାସ କଦାପି କର ନାହିଁ ଯେ, ତୁମର ସାମର୍ଥ୍ୟ ପ୍ରଶମିତ ହୋଇଯିବ । ବରଂ ସେହି ସାମର୍ଥ୍ୟକୁ ସଠିକ୍ ସ୍ଥାନରେ ପ୍ରୟୋଗ କର । ଏସବୁ ମିଥ୍ୟା ଓ ମନଗଢ଼ା ବିଶ୍ୱାସ,

ଯିଏ କେହି କହିଥାନ୍ତି ଯେ ଆମ ଶିକ୍ଷା ହେଉଛି, ଯଦି ଜଣେ ଗୋଟିଏ ଗାଲରେ ଚାପୁଡ଼ା ମାରେ ତେବେ ତୁମେ ତାହାକୁ ଆର ଗାଲଟି ଦେଖାଇ ଦିଅ । ସମ୍ଭବତଃ ଏହି ଶିକ୍ଷା ସେହି ସମୟର ନିୟମ ବିଶେଷ ସ୍ଥାନ ଅଥବା ବିଶେଷ ପରିସ୍ଥିତିରେ ପ୍ରଯୁଜ୍ୟ ହେବ । ଚିରକାଳ ପାଇଁ ଏହି ନିୟମ ନା ଲାଗୁ ହୋଇପାରିବ ନା ଏହା ପ୍ରଯୁଜ୍ୟ ହୋଇଥାଏ । ଏଥିସକାଶେ କି ମନୁଷ୍ୟ ଏକ ଏପରି ବୃକ୍ଷ ସଦୃଶ, ଯାହାର ଶାଖା ଚତୁର୍ପାର୍ଶ୍ୱରେ ନିଜର ପସରା ମେଲାଇ ବସିଛି । ଯଦି ତାହାର ମାତ୍ର ଗୋଟିଏ ଶାଖାର ଯତ୍ନ ନିଆଯାଏ ତେବେ ବାକି ଶାଖାଗୁଡ଼ିକ ନଷ୍ଟଭ୍ରଷ୍ଟ ହୋଇଯିବ । ଖ୍ରୀଷ୍ଟଧର୍ମର ଏହି ଶିକ୍ଷା ଦ୍ୱାରା ଯେଉଁ ତ୍ରୁଟିବିଚ୍ୟୁତି ହୋଇଛି, ତାହା ସ୍ୱଷ୍ଟ ଦୃଶ୍ୟମାନ । ଏଥିରେ ମନୁଷ୍ୟର ସମସ୍ତ ସାମର୍ଥ୍ୟର ବିକାଶ କିଭଳି ସମ୍ଭବ । ଯଦି କେବଳ ଦୋଷକୁ କ୍ଷମା କରିଦେବା ଉତ୍ତମ କଥା ହୋଇଥା'ନ୍ତା ତେବେ **ପ୍ରତିଶୋଧ ନେବା ଗୁଣ** ମନୁଷ୍ୟ ସ୍ୱଭାବରେ କାହିଁକି ରଖାଯାଇଛି ? ଏବଂ କାହିଁକି ପ୍ରତ୍ୟେକ କ୍ଷେତ୍ରରେ କ୍ଷମା କରିବା ଶିକ୍ଷା ଉପରେ ପାଳନ କରାଯାଇ ନାହିଁ ? ମାତ୍ର ଏହାର ବିପରୀତରେ ସଂପୂର୍ଣ୍ଣ ଶିକ୍ଷା ତାହା ହିଁ ଯାହାକି ଇସଲାମ ଉପସ୍ଥାପନ କରିଛି । ଯାହାକି ହଜରତ ମୁହମ୍ମଦ ସ.ଅ.ଙ୍କ ମାଧ୍ୟମରେ ଆମମାନଙ୍କୁ ପ୍ରାପ୍ତ ହୋଇଛି ଓ ତାହା ହେଉଛି,

جَزٰٓؤُا سَيِّئَةٍ سَيِّئَةٌ مِّثۡلُهَا ۚ فَمَنۡ عَفَا وَاَصۡلَحَ فَاَجۡرُهٗ عَلَى اللّٰهِ

ଜଯାଉ ସୟିଆତିନ୍ ସୟିଆତୁମ୍ ମିସ୍‌ଲୁହା ଫମନ୍ ଅଫା ଓ୍ୱ ଅସ୍‌ଲହା ଫଅଜ୍‌ରୁହୁ ଅଲ୍ଲାଃ (ଅଶ୍ଶୁରା 42:41) ଅର୍ଥାତ୍ ଅନିଷ୍ଟର ପ୍ରତିଶୋଧ ତଦନୁରୂପ ଅନିଷ୍ଟ, ଯାହା କରା ଯାଇଥିବ । କିନ୍ତୁ ଯେ କ୍ଷମା ପ୍ରଦାନ କରେ ଓ ଏପରି ସ୍ଥଳେ କ୍ଷମା କରିଦିଏ.. ଯେ ଏତଦ୍ ଦ୍ୱାରା ତାହାର କୌଣସି ସଂସ୍କାର ହେଉଥିବ ଓ କୌଣସି କ୍ଷତି ସାଧିତ ହେଉ ନଥିବ ତେବେ ତାହାର ପ୍ରତିଫଳ ଅଲ୍ଲାଃଙ୍କ ଠାରେ ରହିଅଛି ।

ଏଥିରୁ ସ୍ୱଷ୍ଟ ରୂପେ ପ୍ରକାଶ ହେଉଛି ଯେ, ପବିତ୍ର କୁରଆନ୍ ଶିକ୍ଷାର କଦାପି ଏହି ଉଦ୍ଦେଶ୍ୟ ନୁହେଁ କି ଅଯଥାରେ ପ୍ରତ୍ୟେକ ସ୍ଥଳରେ ମନ୍ଦର

ମୁକାବିଲା କର ନାହିଁ ଏବଂ ପ୍ରତିଶୋଧ ନିଅ ନାହିଁ । ବରଂ ପ୍ରଭୁଙ୍କ ଇପ୍‌ସିତ ଲକ୍ଷ୍ୟ ହେଉଛି, ସ୍ଥାନ ଓ କାଳକୁ ଦେଖିବା ଉଚିତ୍ ଯେ, ତାହା ପାପ ମାର୍ଜନ କରିବା ଓ କ୍ଷମା କରିଦେବାର ପରିସ୍ଥିତି ଅବା ଦଣ୍ଡ ଦେବାର । ଯଦି ସେହି ପରିସ୍ଥିତରେ ଦଣ୍ଡ ଦେବା ହିଁ ପ୍ରଯୁଜ୍ୟ ମନେହୁଏ ତେବେ ସେତିକି ଶାସ୍ତି ଦିଅ ଯେତିକି ପାଇବା ଉଚିତ୍ । ଆଉ ଯଦି ତାହାକୁ କ୍ଷମା କରିଦେବାର ପରିସ୍ଥିତି ଅନୁକୂଳ ରହିଛି ତେବେ ଦଣ୍ଡ ଦେବା ଭାବନା ହିଁ ତ୍ୟାଗ କରିଦିଅ ।

ଏହି ବୈଶିଷ୍ଟ୍ୟ ଇସଲାମୀୟ ଶିକ୍ଷାର ରହିଛି, କାରଣ ତାହା ପ୍ରତ୍ୟେକ ଦିଗକୁ ସମ୍ମୁଖରେ ରଖିଥାଏ । ଯଦି ଇଞ୍ଜିଲ୍ (ଶିକ୍ଷା)ର ପାଳନ କରି ପ୍ରତ୍ୟେକ ଉଦ୍ଧତ ଓ ଦୁର୍ବୃତ୍ତକୁ ଛାଡ଼ି ଦିଆଯାଏ ତେବେ ସଂସାରରେ ଅନ୍ଧକାର ଖେଳିଯିବ । ସୁତରାଂ ତୁମେ ସର୍ବଦା ଏଥିପ୍ରତି ଧ୍ୟାନ ରଖ ଯେ, ସମସ୍ତ ଶକ୍ତିକୁ ମୃତ ଭାବିବା ଠିକ୍ ନୁହେଁ । ତୁମେ ଚେଷ୍ଟା କର ଯେ, ଉପଯୁକ୍ତ ସ୍ଥାନରେ ନିଜ ସାମର୍ଥ୍ୟକୁ ବିନିଯୋଗ କର । ମୁଁ ଦୃଢ଼ତାର ସହିତ କହୁଛି ଯେ, ଏହି ଶିକ୍ଷା ଏପରି ଯାହାକି ମାନବୀୟ ସାମର୍ଥ୍ୟର ନକ୍ସା ଅଙ୍କନ କରି ଦେଇଛି । କିନ୍ତୁ ଦୁଃଖର କଥା ସେହି ଲୋକମାନଙ୍କ ପାଇଁ ଯେ ଖ୍ରୀଷ୍ଟଧର୍ମୀଙ୍କ ମିଠା ମିଠା କଥା ଶୁଣି ଭ୍ରମିତ ହୋଇ ଯାଇଥା'ନ୍ତି ଏବଂ ଇସଲାମ ପରି ଅପୂର୍ବ ପୁରସ୍କାରକୁ ହାତଛଡ଼ା କରି ଦେଇଥା'ନ୍ତି । ସତ୍ୟବାଦୀ ବ୍ୟକ୍ତି ପ୍ରତ୍ୟେକ ଅବସ୍ଥାରେ ଅନ୍ୟମାନଙ୍କ ସକାଶେ ମଧୁର ରସ ପ୍ରଦାନ କରି ନଥାଏ । ଯେପରି ଜନନୀ ସବୁ ସମୟରେ ନିଜ ସନ୍ତାନକୁ ମିଷ୍ଟାନ୍ନ ଖାଇବାକୁ ଦେଇ ନଥାଏ, ବରଂ ଆବଶ୍ୟକ ସ୍ଥଳେ ତିକ୍ତଯୁକ୍ତ ଔଷଧ ମଧ୍ୟ ପ୍ରଦାନ କରିଥାଏ । ଏହିପରି ଜଣେ ସତ୍ୟନିଷ୍ଠ ସୁଧାରକର ଅବସ୍ଥା ହୋଇଥାଏ । ଏହି ଶିକ୍ଷା ପ୍ରତ୍ୟେକ ସ୍ଥଳେ କଲ୍ୟାଣପ୍ରଦ ଶିକ୍ଷା ଅଟେ । ଆମ ଐଶ୍ୱର୍ଯ୍ୟମୟ ପ୍ରଭୁ ହେଉଛନ୍ତି ପରମ ସତ୍ୟ, ଯାହାଙ୍କ ଉପରେ ଖ୍ରୀଷ୍ଟଧର୍ମୀମାନେ ମଧ୍ୟ ବିଶ୍ୱାସ କରନ୍ତି । ପରମେଶ୍ୱରଙ୍କର ଯେଉଁ ବିଶେଷ ଗୁଣମାନ ଉପରେ ଆମେମାନେ ବିଶ୍ୱାସ ରଖୁ, ସେଗୁଡ଼ିକୁ ସଭିଏଁ ସ୍ୱୀକାର

କରିଥା'ନ୍ତି । ପାଦ୍ରୀ ଫଣ୍ଡର୍ ନିଜ ପୁସ୍ତକର ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, ଯଦି ଏପରି କୌଣସି ଦ୍ୱୀପ ରହିଯାଇଥିବ ଯେଉଁଠାରେ ଖ୍ରୀଷ୍ଟଧର୍ମର ବାର୍ତ୍ତା ପହଞ୍ଚି ନଥିବ, ତେବେ ପ୍ରଳୟ ଦିବସରେ ତାଙ୍କୁ କ'ଣ ପ୍ରଶ୍ନ କରାଯିବ ? ସେ ସ୍ୱୟଂ ଏହାର ଉତ୍ତର ଦିଅନ୍ତି ଯେ, ସେମାନଙ୍କୁ ଏହି ପ୍ରଶ୍ନ କରାଯିବ ନାହିଁ ଯେ ତୁମେ ଯୀଶୁଙ୍କ ଉପରେ ବିଶ୍ୱାସ ଆଣିଥିଲ କି ନାହିଁ । ବରଂ ତାଙ୍କୁ ଏହି ପ୍ରଶ୍ନ କରାଯିବ ଯେ କ'ଣ ତୁମେ ସେହି ପରମ ପିତାଙ୍କୁ ସ୍ୱୀକାର କରୁଛ ଯାହାକୁ ଇସଲାମ୍ ଉପସ୍ଥାପନ କରୁଛି, ଅର୍ଥାତ୍ ବିଶେଷ ଗୁଣ ବହନକାରୀ ଏକ ଓ ଅଦ୍ୱିତୀୟ ପ୍ରଭୁ ।

ଇସଲାମ୍‌ର ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ପାଇଁ ପ୍ରତ୍ୟେକ ବନଅରଣ୍ୟରେ ବାସ କରୁଥିବା ବ୍ୟକ୍ତି ବାଧ୍ୟ ହେବା ସ୍ୱଭାବିକ । ପ୍ରତ୍ୟେକ ବ୍ୟକ୍ତିର ବିବେକ ଓ ଉଜ୍ୱଳ ହୃଦୟ ସାକ୍ଷ୍ୟ ଦେଇଥାଏ ଯେ, ସେ ଇସଲାମ୍‌ର ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣୁ । ଇସଲାମ୍‌ର ଏହି ବାସ୍ତବିକତାକୁ ଏବଂ ଅସଲ ଶିକ୍ଷାକୁ ଯାହାର ବ୍ୟାଖ୍ୟା କରାଯାଇଛି, ଆଜିକାଲିର ମୁସଲମାନମାନେ ପାସୋରି ବସିଛନ୍ତି । ତେଣୁ ଏହି ପ୍ରସଙ୍ଗକୁ ପୁନର୍ବାର ସ୍ଥାପନ କରିଦେବା ଆମର କାର୍ଯ୍ୟ । ଏହା ଏକ ମହାନ ଉଦ୍ଦେଶ୍ୟ ଯାହାକୁ ନେଇ ଏହି ବିନୀତ ଆବିର୍ଭୂତ ହୋଇଛି ।

ଏହି ପ୍ରସଙ୍ଗ ବ୍ୟତିରେକେ ଯାହାକୁ ଉପରେ ବର୍ଣ୍ଣନା କରି ଆସିଛି ଆହୁରି ଅନେକ ଜ୍ଞାନଭିତ୍ତିକ ଓ ଆସ୍ଥା ମୂଳକ ତ୍ରୁଟି ମୁସଲମାନମାନଙ୍କ ମଧ୍ୟରେ ବ୍ୟାପୁଛି, ସେସବୁକୁ ଦୂର କରିବା ମୋର ପ୍ରଧାନ କାର୍ଯ୍ୟ । ଉଦାହରଣ ସ୍ୱରୂପ ସେହି ଲୋକମାନଙ୍କ ବିଶ୍ୱାସ ଯେ, ଇସା ମସିହ ଓ ତାଙ୍କ ମାତା ଶୈତାନର ପ୍ରଭାବରୁ ପବିତ୍ର ଥିଲେ ଏବଂ ବାକି ସମସ୍ତେ ନଊଯୁବିଲ୍ଲାଃ (ଅଲ୍ଲାଃ କ୍ଷମା କରନ୍ତୁ) ପବିତ୍ର ନୁହନ୍ତି । ଏହା ଏକ ବିରାଟ ଭୁଲ ବରଂ କୁଫର୍ (ଅସ୍ୱୀକାର)ର ପ୍ରତୀକ ଏବଂ ଏତଦ୍ ଦ୍ୱାରା ହଜରତ ମୁହମ୍ମଦ ସ.ଅ.ଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥାଏ । ଏହି ଲୋକମାନଙ୍କ ଠାରେ ନିମିତ ମାତ୍ର ସ୍ୱାଭିମାନ ନାହିଁ, ଯେ ଏମାନେ ଏପରି ସମସ୍ୟା

ଉପୁଜାଉଛନ୍ତି ତଥା ଇସଲାମ୍‌କୁ ଅପଦସ୍ଥ କରିବାକୁ ଚେଷ୍ଟା କରୁଛନ୍ତି । ଏମାନେ ଇସଲାମ ଠାରୁ ବହୁ ଦୂରରେ ଅଛନ୍ତି । ଅସଲରେ ଏହି ବିଷୟ ଯାହାକି ପବିତ୍ର କୁରଆନରୁ ପ୍ରମାଣିତ ଯେ ଜନ୍ମ ଦୁଇ ପ୍ରକାରର । ଗୋଟିଏ ପବିତ୍ର ଆତ୍ମାର ସ୍ପର୍ଶ ଦ୍ୱାରା ଏବଂ ଆଉ ଗୋଟିଏ ଶୈତାନୀୟ ସ୍ପର୍ଶ । ସମସ୍ତ ପବିତ୍ର ଓ ସତ୍ୟବାଦୀ ଲୋକମାନଙ୍କ ସନ୍ତାନ ପବିତ୍ର ଆତ୍ମାର ସ୍ପର୍ଶ ଦ୍ୱାରା ପ୍ରଭାବିତ । ଯେଉଁ ସନ୍ତାନମାନେ ଅପକର୍ମର ପରିଣାମ ସ୍ୱରୂପ ଜନ୍ମ ଲାଭ କରିଥା'ନ୍ତି, ସେମାନଙ୍କୁ ଶୈତାନ ସ୍ପର୍ଶ କରିଥାଏ । ସମସ୍ତ ଅବତାର ପବିତ୍ର ଆତ୍ମାର ସ୍ପର୍ଶ ଦ୍ୱାରା ଜନ୍ମ ଗ୍ରହଣ କରିଥା'ନ୍ତି । କିନ୍ତୁ ଯେହେତୁ ହଜରତ ଇସାଙ୍କ ସମ୍ବନ୍ଧରେ ୟହୁଦୀମାନେ ଆପତ୍ତି କରିଥିଲେ ଯେ ନଉଯୁବିଲ୍ଲାଃ ସେ ବ୍ୟଭିଚାର ଦ୍ୱାରା ଜନ୍ମିତ ତଥା ମରିୟମ୍‌ଙ୍କ ଜଣେ ସୈନିକ ପଣ୍ଡାରା ନାମୀ ବ୍ୟକ୍ତି ସହିତ ଅନୈତିକ ସମ୍ପର୍କ ଦ୍ୱାରା ଥିଲା । ସୁତରାଂ ସେ ଶୈତାନ ସ୍ପର୍ଶର ଫଳ ସ୍ୱରୂପ ଜନ୍ମ ହେଲେ । ବସ୍ତୁତଃ ଅଲ୍ଲାଃତାଲା ତାଙ୍କୁ ଏହି ଅପନିନ୍ଦାରୁ ପବିତ୍ର କରିବା ସକାଶେ ସାକ୍ଷ୍ୟ ଦେଲେ ଯେ, ମରିୟମ୍ ପୁତ୍ର ଇସାଙ୍କର ଜନ୍ମ ମଧ୍ୟ ପବିତ୍ର ଆତ୍ମାର ସ୍ପର୍ଶ ଦ୍ୱାରା ହୋଇଛି । ଯେହେତୁ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ଓ ଅନ୍ୟାନ୍ୟ ଅବତାରଗଣଙ୍କ ସମ୍ବନ୍ଧରେ ଏପରି ଆପତ୍ତି ନଥିଲା । ତେଣୁ ତାଙ୍କ ସମ୍ବନ୍ଧରେ ଏପରି କୌଣସି ମନ୍ତବ୍ୟ ଦେବାର ଆବଶ୍ୟକ ପଡିଲା ନାହିଁ ।

ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ [ସ.ଅ]ଙ୍କ ପିତାମାତା ଅବ୍ଦୁଲ୍ଲାଃ ଓ ଆମେନାଙ୍କୁ ତ ପ୍ରାରମ୍ଭରୁ ହିଁ ସର୍ବଦା ସମ୍ମାନ ଦୃଷ୍ଟିରେ ଦେଖା ଯାଉଥିଲା । ତାଙ୍କ ପ୍ରସଙ୍ଗରେ ଏପରି ବିଚାର ଓ କଳ୍ପନା ହିଁ କେବେ କେହି କରି ନଥିଲେ । ଜଣେ ବ୍ୟକ୍ତି ଯିଏ ମକଦମାରେ କବଳିତ ହୋଇଯାଏ କେବଳ ତାହା ପାଇଁ ସାକ୍ଷ୍ୟ ଦେବାର ଆବଶ୍ୟକତା ପଡ଼ିଥାଏ । କିନ୍ତୁ ଯେଉଁ ବ୍ୟକ୍ତି କୌଣସି ମକଦମାରେ ଜଡ଼ିତ ନଥାଏ, ତାହା ପାଇଁ ସାକ୍ଷ୍ୟ ଦେବାର ଆବଶ୍ୟକତା କ'ଣ ଅଛି ?

ଏହିପରି ଆଉ ଏକ ତ୍ରୁଟି ଯାହା ମୁସଲମାନମାନଙ୍କ ମଧ୍ୟରେ ନିଜର ପ୍ରଭାବ ବିସ୍ତାର କରିସାରିଛି । ତାହା ହେଉଛି, ମେରାଜ୍ (ଆଧ୍ୟାତ୍ମିକ ଯାତ୍ରା) ପ୍ରସଙ୍ଗିୟ । ଆମର ବିଶ୍ୱାସ ଯେ, ଯେପରି ହଜରତ ମୁହମ୍ମଦ ସ.ଅ ଙ୍କର ଆକାଶକୁ ଆଧ୍ୟାତ୍ମିକ ଯାତ୍ରା ସଙ୍ଘଟିତ ହୋଇଥିଲା । କିନ୍ତୁ ଏହାକୁ ନେଇ କେତେକ ଲୋକଙ୍କର ଆସ୍ଥା ରହିଛି ଯେ, ତାହା ଏକ ସାଧାରଣ ସ୍ୱପ୍ନ ଥିଲା ତେବେ ଏହା ସମ୍ପୂର୍ଣ୍ଣ ରୂପେ ଭ୍ରାନ୍ତ ଧାରଣା । ଯେଉଁ ଲୋକମାନଙ୍କ ବିଶ୍ୱାସ ଯେ ହଜରତ ମୁହମ୍ମଦ ସ.ଅ ସଶରୀରେ ଆକାଶ ମାର୍ଗକୁ ମେରାଜ୍ ଯାତ୍ରା କରିଥିଲେ ତେବେ ଏହା ମଧ୍ୟ ସମ୍ପୂର୍ଣ୍ଣ ଭ୍ରମ ଧାରଣା । ବରଂ ଅସଲ ଘଟଣା ଓ (ଆମର) ସଠିକ୍ ଆସ୍ଥା ଏହିକି ଯେ, ମେରାଜ୍ ରୂପୀ ଆଧ୍ୟାତ୍ମିକ ଭ୍ରମଣ ଯାହା କଶ୍‌ଫୀ (ଅର୍ଦ୍ଧଚେତନ) ଅବସ୍ଥାରେ ଏକ ଜ୍ୟୋତିର୍ମୟ ସତ୍ତାଙ୍କ ସହିତ ହୋଇଥିଲା । ସେ ଜଣେ ଜାଜ୍ୱଲ୍ୟମାନ ଉଜ୍ୱଳମୟ ଅଦୃଶ୍ୟ ସତ୍ତା ଏବଂ ତାହା ଏକ ଅର୍ଦ୍ଧଚେତନା ମାତ୍ର ତନ୍ଦ୍ରାବସ୍ଥାରେ ଯାହା ଅଲୌକିକ । ଯାହାକୁ ଭବ ସଂସାରର ଲୋକମାନେ ବୁଝିପାରିବେ ନାହିଁ, କିନ୍ତୁ କେବଳ ସେହିମାନେ ଯାହାଙ୍କୁ ଏପରି ଦିବ୍ୟା ଅନୁଭୂତି ଲାଭ ହୋଇଥିବ । ଅନ୍ୟଥା ଏହି ପାର୍ଥିବ ଶରୀର ଓ ପ୍ରକାଶ୍ୟ ଚେତନା ସହିତ ଆକାଶ ମାର୍ଗକୁ ଚାଲିଯିବା ପରି ଅଲୌକିକ ଚମତ୍କାରିତା ତ ୟହୁଦିମାନେ ଦାବି କରିଥିଲେ । ଯାହା ଉତ୍ତରରେ ପବିତ୍ର କୁରଆନ୍‌ରେ କୁହା ଯାଇଥିଲା:

قُلْ سُبْحَانَ رَبِّي هَلْ كُنتُ إِلَّا بَشَرًا رَّسُولًا

କୁଲ୍‌ସୁବ୍‌ହାନା ରବ୍‌ବି ହଲ୍ କୁନ୍‌ତୁ ଇଲ୍ଲା ବଶରର୍ ରସୁଲା (ବନି ଇସ୍ରାଇଲ୍ 17:94) ଅର୍ଥାତ୍ ତୁମ୍ଭେ କହିଦିଅ ଯେ, ମୋ ପାଳନକର୍ତ୍ତା ହେଉଛନ୍ତି ପବିତ୍ର । ଆମ୍ଭେ ତ କେବଳ ଜଣେ ମାନବ ରୂପୀ ରସୁଲ । ମନୁଷ୍ୟ ଏପରି ସଶରୀରେ ଉଡ଼ି ଆକାଶକୁ ଯିବା ଅସମ୍ଭବ । ଏହା ଅଲ୍ଲାହଙ୍କ ଅତି ପୁରାତନ ପ୍ରଥା ପ୍ରଚଳିତ ରହିଛି ।

ଆଉ ଏକ ତ୍ରୁଟି ଯାହାକି ଅଧିକାଂଶ ମୁସଲମାନମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ, ତାହା ଏହିକି ଯେ, ସେମାନେ ପବିତ୍ର କୁରଆନ୍ ଠାରୁ ହଦିସ୍‌କୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ଯାହା ଏକ ମସ୍ତବଡ଼ ଭୁଲ । ପବିତ୍ର କୁରଆନ୍‌ର ପଦମର୍ଯ୍ୟାଦା ସର୍ବୋପରି ଏବଂ ହଦିସ୍‌ର ସ୍ଥାନ କାଳ୍ପନିକ । ହଦିସ୍ କାଜୀ (ନିର୍ଣ୍ଣୟକାରୀ) ନୁହେଁ ବରଂ ପବିତ୍ର କୁରଆନ୍ ତ ହଦିସ୍ ଉପରେ କାଜୀ (ନିର୍ଣ୍ଣାୟକ)ର ଭୂମିକା ଗ୍ରହଣ କରିଛି । ହଁ, ଏକଥା ସତ୍ୟ ଯେ ହଦିସ୍ ପବିତ୍ର କୁରଆନ୍‌ର ବ୍ୟାଖ୍ୟା କରିଥାଏ । ତାହାକୁ ନିଜର ପ୍ରତିଷ୍ଠା ଅନୁଯାୟୀ ସ୍ଥାନ ଦେବା ଉଚିତ୍ ଏବଂ ହଦିସ୍‌କୁ ତାହାର ସୀମା ମଧ୍ୟରେ ରଖି ସ୍ୱୀକାର କରିବା ଜରୁରୀ, ଯେପରିକି (ସେଥିରେ କୌଣସି ପ୍ରସଙ୍ଗ) ପବିତ୍ର କୁରଆନ୍‌ର ବିପରୀତ ଅର୍ଥବୋଧକ ହୋଇ ନଥିବ, ବରଂ ତଦନୁଯାୟୀ ହୋଇଥିବ । କିନ୍ତୁ ଯଦି ତାହା କୁରଆନ୍ ବିରୁଦ୍ଧରେ ଯିବ ତେବେ ତାହା ହଦିସ୍ ନୁହେଁ, ବରଂ ତୀବ୍ର ନିନ୍ଦନୀୟ ବାକ୍ୟ । କିନ୍ତୁ ପବିତ୍ର କୁରଆନ୍‌ର ଭାବାର୍ଥକୁ ବୁଝିବା ସକାଶେ ହଦିସ୍ ଆବଶ୍ୟକ । ପବିତ୍ର କୁରଆନ୍‌ରେ ଯେଉଁ ଐଶୀ ନିର୍ଦ୍ଦେଶାବଳୀ ଅବତୀର୍ଣ୍ଣ ହୋଇଛି, ତଦନୁଯାୟୀ ହଜରତ ମୁହମ୍ମଦ[ସ.ଅ] ସ୍ୱୟଂ କାର୍ଯ୍ୟକାରୀ କରି ଓ କରାଇ ଦେଖାଇଲେ ଏବଂ ଏକ ଆଦର୍ଶ ପ୍ରତିଷ୍ଠା କରିଗଲେ । ଯଦି ଏହି ଆଦର୍ଶ ନମୁନା ନଥାନ୍ତା ତେବେ ଇସଲାମ ଧର୍ମ ବୁଝା ପଡ଼ି ନଥାନ୍ତା । କିନ୍ତୁ ଅସଲ ହେଉଛି ପବିତ୍ର କୁରଆନ୍ । କେତେକ ମହାତ୍ମା ଓ ସିଦ୍ଧ ପୁରୁଷ ହଜରତ ମୁହମ୍ମଦ [ସ.ଅ]ଙ୍କଠାରୁ ସିଧାସଳଖ ଏପରି ହଦିସ୍ ଶୁଣିଥାନ୍ତି, ଯାହାକି ଅନ୍ୟମାନଙ୍କୁ ଜଣା ନଥାଏ ଅଥବା ପୂର୍ବରୁ ଉଲ୍ଲେଖିତ ହଦିସ୍ ସମୂହର ସମର୍ଥନ କରିଥାଏ ।

ବସ୍ତୁତଃ ଏପରି କିସମର ଅନେକ କଥନ ରହିଛି, ଯାହାକି ସେମାନଙ୍କ ଠାରେ ଦେଖାଯାଏ । ଯାହା ସକାଶେ ପ୍ରଭୁ ସେମାନଙ୍କ ଉପରେ ଅତିଷ୍ଟ ହୋଇଥାନ୍ତି, ଯାହାକି ସମ୍ପୂର୍ଣ୍ଣ ରୂପେ ଇସଲାମୀୟ ଶିକ୍ଷାର ବିପରୀତ । ଏଥି ସକାଶେ ପରମେଶ୍ୱର ଏବେ ସେମାନଙ୍କୁ ଆଉ ମୁସଲମାନ ରୂପେ

ବିବେଚିତ କରୁ ନାହାନ୍ତି । ଯେପର୍ଯ୍ୟନ୍ତ ସେମାନେ ସେହି ଭ୍ରମ ଧାରଣକୁ ବର୍ଜନ କରି ସତ୍‌ମାର୍ଗ ଆଡ଼କୁ ଆସିଯାଇ ନାହାନ୍ତି ଏବଂ ଏହି ଉଦ୍ଦେଶ୍ୟ ପୂରଣ କରିବା ସକାଶେ ପ୍ରଭୁ ମୋତେ ନିର୍ଦ୍ଦେଶ ଦେଇଛନ୍ତି, ଯେ ମୁଁ ସେହି ଦୋଷତ୍ରୁଟିଗୁଡ଼ିକୁ ଦୂର କରି ପ୍ରକୃତ ଇସଲାମକୁ ସଂସାରରେ ପ୍ରତିଷ୍ଠା କରିବି ।

ଆମ୍ଭ ଓ ସେମାନଙ୍କ ମଧ୍ୟରେ ଏହି ପାର୍ଥକ୍ୟ ରହିଛି । ସେମାନଙ୍କ ଅବସ୍ଥା ଇସଲାମ ପରି ନୁହେଁ । ଏହି ଉଦାହରଣ ଏକ ଦୁର୍ଦ୍ଦଶାପୂର୍ଣ୍ଣ ଓ ଅନୁପଯୁକ୍ତ ଉଦ୍ୟାନ ସଦୃଶ । ସେମାନଙ୍କ ହୃଦୟ ଅପବିତ୍ର ହୋଇଯାଇଛି ଏବଂ ସେମାନଙ୍କ ସ୍ଥାନରେ ପ୍ରଭୁ ଏକ ନୂତନ ଗୋଷ୍ଠୀକୁ ଆଣିବାକୁ ଚାହାନ୍ତି । ଯାହାକି ସାଧୁତା ଓ ସତ୍‌ମାର୍ଗ ଅବଲମ୍ବନ କରି ପ୍ରକୃତ ଇସଲାମ୍‌ର ନମୁନା ଦେଖାଇବ ।

(ଅଲ୍‌ହକମ୍, ୧୭ ଫେବୃଆରୀ- ୧୭ମଇ ଓ ୧୭ ଜୁନ୍ ୧୯୦୬ ମସିହା)

❋❋❋ ❋❋❋ ❋❋❋